

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୭ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 17 NOVEMBER 2021

Vol.No. 32 ■ No. 293 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଉଦ୍‌ଘାଟନ ହେଲା ପୂର୍ବାଞ୍ଚଳ ଏକ୍ସପ୍ରେସ ୱେ

ନୂଆଦିଲ୍ଲୀ,୧୬/୧୧: ସଡକ ପଥରେ ଅବତରଣ କଲା ବାୟୁସେନାର ଲଢୁଆ ବିମାନ । ବାୟୁସେନାର ଲଢୁଆ ବିମାନରେ ଆସି ଉତ୍ତରପ୍ରଦେଶ ଏକ୍ସପ୍ରେସ ୱେରେ ଓହ୍ଲାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପୂର୍ବାଞ୍ଚଳ ଏକ୍ସପ୍ରେସ ୱେର ଲୋକାର୍ପଣ କରି ମୋଦି କହିଛନ୍ତି, ଏହା ଉତ୍ତରପ୍ରଦେଶ ବିକାଶର ପ୍ରତୀକ । ପୂର୍ବାଞ୍ଚଳ ଏକ୍ସପ୍ରେସ ୱେରେ ଅବତରଣ କଲା ମୋଦିଙ୍କ ବିମାନ । ସି-୧୩୦ ଜେ' ସୁପର ହରକ୍ୟୁଲିସରେ ଆସିଲେ ପ୍ରଧାନମନ୍ତ୍ରୀ । ଉତ୍ତରପ୍ରଦେଶର ପୂର୍ବାଞ୍ଚଳ ଏକ୍ସପ୍ରେସ ୱେରେ ଓହ୍ଲାଇଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମାନ । ସି-୧୩୦ ଜେ' ସୁପର ହରକ୍ୟୁଲିସ ଏୟାରକ୍ରାଫ୍ଟରେ ସୁଲତାନପୁରରେ ଅବତରଣ କରି ପୂର୍ବାଞ୍ଚଳ ଏକ୍ସପ୍ରେସ ୱେର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ । ସି-୧୩୦ଜେ' ସୁପର ହରକ୍ୟୁଲିସ ଏୟାରକ୍ରାଫ୍ଟରେ ପ୍ରଧାନମନ୍ତ୍ରୀ ସୁଲତାନପୁର ଏକ୍ସପ୍ରେସ ୱେରେ ପହଂଚି ପୂର୍ବାଂଚଳ ଏକ୍ସପ୍ରେସ ୱେର ଉଦଘାଟନ କରି ଜନସଭାକୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ । ୬ ଲେନ ଓ ୩୪୧କିଲୋମିଟର ବିଶିଷ୍ଟ ପୂର୍ବାଂଚଳ ଏକ୍ସପ୍ରେସ ୱେ । ୪୦ମାସରେ ଶେଷ ହେଲା କାମ । ଏହି ଏକ୍ସପ୍ରେସ ୱେର ଲମ୍ବା ୩୪୧ କିଲୋମିଟର । ୩ ବର୍ଷ ତଳେ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ ମୋଦି । ଆଜି ସେହି ରାସ୍ତାରେ ଓହ୍ଲାଇଛି ପ୍ରଧାନମନ୍ତ୍ରୀଙ୍କ ଏୟାରକ୍ରାଫ୍ଟ । ଯୋଗୀ ଆଦିତ୍ୟନାଥ ସରକାରକୁ ଆସିବା ପରେ ପୂର୍ବାଞ୍ଚଳର ଏକ ବଡ ବିକାଶପଥର ଉଦଘାଟନ କରିଛନ୍ତି ମୋଦି । ରୋଜଗାର ଯୋଗାଇବ ପୂର୍ବାଞ୍ଚଳ ଏକ୍ସପ୍ରେସ ୱେ । ଉତ୍ତରପ୍ରଦେଶ ବିକାଶର ଏକ୍ସପ୍ରେସ ହେବ ପୂର୍ବାଞ୍ଚଳ ଏକ୍ସପ୍ରେସ ୱେ । ଏହି ପୂର୍ବାଂଚଳ ଏକ୍ସପ୍ରେସ ୱେ ଦ୍ୱାରା ଅନେକ ରୋଜଗାର ସୃଷ୍ଟି ହେବ । ସେହିପରି ଏହି ଏକ୍ସପ୍ରେସ ୱେ ଯୋଗୁଁ ଦୁର୍ଘଟଣା ମଧ୍ୟ କମିଯିବାର ଆକଳନ କରାଯାଉଛି । ସମୟ ମଧ୍ୟ ପୂର୍ବାପେକ୍ଷା କମ ଲାଗିବ । ଏହି ଏକ୍ସପ୍ରେସ ୱେ ଉଦଘାଟନ ଅବସରରେ ଏହାର ଫାଇଦା ଓ ବିକାଶ ଦିଗକୁ ନିଜ ଭାଷଣରେ ସାମିଲ କରିଥିଲେ ମୋଦି । ଯଦି ସମଗ୍ର ବିଶ୍ୱର ୟୁପି ଲୋକଙ୍କ ଦକ୍ଷତା ଉପରେ ସନ୍ଦେହ ଥାଏ, ତେବେ ସେମାନେ ସୁଲତାନପୁର ଆସି ସେମାନଙ୍କ କ୍ଷମତା ଦେଖିପାରିବେ ବୋଲି କହିଥିଲେ । ଏହାସହ ଉତ୍ତରପ୍ରଦେଶ ବିକାଶର ଏକ୍ସପ୍ରେସ ହେବ ପୂର୍ବାଂଚଳ ଏକ୍ସପ୍ରେସ ୱେ ବୋଲି କହିଛନ୍ତି ମୋଦି । ପୂର୍ବ ସରକାରଙ୍କୁ ମୋଦି ମାଫିଆବାଦ ସହ ତୁଳନା କରି ବିକାଶରେ ଉତ୍ତରପ୍ରଦେଶ ପଛରେ ପଡିବା ନେଇ ପୂର୍ବ ସରକାରଙ୍କୁ ଦାୟୀ କରିଛନ୍ତି ମୋଦି । ଏହାସହ ବଂଶବାଦ ରାଜନୀତି ଦୁର୍ନୀତିକୁ ପ୍ରଶ୍ରୟ ଦେଇ ବିକାଶରେ ବାଧକ ସାଜିଥିଲା ବୋଲି ମୋଦି କହିଥିଲେ । ଉତ୍ତରପ୍ରଦେଶ ବିକାଶର ଏକ୍ସପ୍ରେସ ହେବ ପୂର୍ବାଂଚଳ ଏକ୍ସପ୍ରେସ ୱେ । ଏହା ଆଧୁନିକ ଉତ୍ତରପ୍ରଦେଶର ପ୍ରତିବିମ୍ବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ତାଇୱାନ ସ୍ୱାଧିନତାକୁ ନେଇ ମୁହାଁମୁହି ଦୁଇ ମହାଶକ୍ତି

ନୂଆଦିଲ୍ଲୀ,୧୬/୧୧: ତାଇୱାନ ସ୍ୱାଧିନତା ପାଇଁ ସମର୍ଥନ କରୁଥିବା ଆମେରିକାକୁ ଚୀନର ଖୋଲା ଧମକ୍ । ଚୀନ ରାଷ୍ଟ୍ରପତି ସି ଜିଙ୍ଗପିଙ୍ଗ, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଦେଇଛନ୍ତି ଚେତାବନୀ । ରାଷ୍ଟ୍ରପତି ଜିଙ୍ଗପିଙ୍ଗ କହିଛନ୍ତି ତାଇୱାନ ସ୍ୱାଧିନତାକୁ ସମର୍ଥନ କରିବା ନିଆଁରେ ଖେଳିବା ସହ ସମାନ । ହ୍ୱାଇଟ୍ ହାଉସ୍ରେ ଅନୁଷ୍ଠିତ ଭିଡିଓ ଲିଙ୍କ ସମ୍ମିଳନୀରେ ଏଭଳି ସିଧା ସିଧା କହିଛନ୍ତି ରାଷ୍ଟ୍ରପତି ଜିଙ୍ଗପିଙ୍ଗ । ମଙ୍ଗଳବାର ତାଇୱାନ ପ୍ରସଙ୍ଗରେ ଅନୁଷ୍ଠିତ ଅନ୍ଲାଇନ୍ ସମିଟ୍ରେ ଆମେରିକାକୁ ଏଭଳି ଧମକ୍ ଦେଇଛନ୍ତି ଚୀନ ରାଷ୍ଟ୍ରପତି ସି ଜିଙ୍ଗପିଙ୍ଗ । ତାଇୱାନ ପ୍ରସଙ୍ଗରେ ଅନୁଷ୍ଠିତ ଏହି ଶୀଖର ସମ୍ମିଳନୀର ଉଦ୍ଦେଶ୍ୟ ଆମେରିକା ଓ ଚୀନ ଦୁଇ ମହାଶକ୍ତି ମଧ୍ୟରେ ଉତ୍ପନ୍ନ ବିବାଦକୁ ଶେଷ କରିବା । ହେଲେ ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସାମ୍ନାରେ ଜିଙ୍ଗପିଙ୍ଗ ନିଜ ମନ୍ତବ୍ୟ ସଫା ସଫା ରଖି ଦେଇଛନ୍ତି । ଚୀନ ରାଷ୍ଟ୍ରପତି ନିଜ ବକ୍ତବ୍ୟରେ ଆମେରିକାକୁ ଦେଇଛନ୍ତି ଚେତାବନୀ । "ଆମେରିକାର କିଛି ଅଧିକାରୀ ଚୀନକୁ କାବୁ କରିବା ପାଇଁ ତାଇୱାନକୁ ପ୍ରୟୋଗ କରିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କ ପାଇଁ ମୁଁ କହିବାକୁ ଚାହୁଁଛି, ତାଇୱାନ ସ୍ୱାଧିନତାକୁ ସମର୍ଥନ କରିବା ନିଆଁରେ ଖେଳିବା ସହ ସମାନ ଆଉ ଯିଏ ନିଆଁରେ ଖେଳିବ ସେ ଜଳିଯିବ" । ଦୁନିଆର ଦୁଇ ମହାଶକ୍ତି ଏବେ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି । ତାଇୱାନ ସ୍ୱାଧିନତାକୁ ନେଇ ଆମେରିକା ଚୀନ ମଧ୍ୟରେ ଗତ କିଛି ଦିନ ହେବ ବିବାଦ ମୁଣ୍ଡ ଟେକିଛି । ▶▶ପୃଷ୍ଠା ୭

ହାଇକୋର୍ଟ ଗଲେ ମମିତାଙ୍କ ପରିବାର

କଟକ,୧୬/୧୧ (ନି.ପ୍ର): ମହାଲିଙ୍ଗା ସନ୍‌ସାଇନ୍ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ପରିବାର ସଦସ୍ୟ । ନିର୍ଦ୍ଦିଷ୍ଟ ସମୟ ଭିତରେ ତଦନ୍ତ ଶେଷ କରିବାକୁ ଆବେଦନ କରିଛନ୍ତି । ଆବେଦନରେ ଗୃହ ସଚିବ, ଡିଜିପି, ବଲାଙ୍ଗିର ଜିଲ୍ଲାପାଳ, ଏସ୍‌ପି ଓ ସିଛେକେଲା ଓଓଉଙ୍କୁ ପକ୍ଷଭୁକ୍ତ କରିଛନ୍ତି । ମହାଲିଙ୍ଗ ମହାବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଗୋବିନ୍ଦ ସାହୁଙ୍କ ଅନୈତିକ ପ୍ରେମ କାହାଣୀ ଜାଣିଥିଲେ ସନ୍‌ସାଇନ୍ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର । ସେଥିପାଇଁ ତାଙ୍କୁ ଅନେକ ସମୟରେ ଧମକଚମକ ଦେଉଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ଗୋବିନ୍ଦ ଅଡୁଆରେ ପଡ଼ିଯାଇଥିଲେ । ଆଉ ତା' ପରେ ମମିତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ । ମହାବିଦ୍ୟାଳୟରେ ବୈଠକ ରହିଛି ବୋଲି ▶▶ପୃଷ୍ଠା ୭

ସିବିଆଇ ଚଢାଉ ବେଳେ ସିବିଆଇ ଅଫିସରଙ୍କୁ ଆକ୍ରମଣ ଅଭିଯୋଗ

ଭୁବନେଶ୍ୱର,୧୬/୧୧(ନି.ପ୍ର): ଅନଲାଇନରେ ଶିଶୁ ଯୌନଶୋଷଣ ଅଭିଯୋଗ ମାମଲା । ଢେଙ୍କାନାଳରେ ସିବିଆଇ ଚଢାଉ ବେଳେ ଅଭାବନୀୟ ଘଟଣା । ଚଢାଉ କରିବାକୁ ଆସିଥିବା ଅଧିକାରୀଙ୍କୁ ଅଟକ ରଖିଲେ ଲୋକେ । ସ୍ଥାନୀୟ ଲୋକ ସିବିଆଇ ଅଫିସରଙ୍କୁ ମାଡ ମାରିଥିବା ନେଇ ଅଭିଯୋଗ ହୋଇଛି । ଅନଲାଇନରେ ଶିଶୁଙ୍କୁ ଯୌନ ନିର୍ଯାତନା ମାମଲାରେ ସିବିଆଇ ତନାଘନା କରୁଛି । ଦେଶର ୧୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ୭୬ଟି ସ୍ଥାନରେ ଚଢାଉ କରୁଛି ସିବିଆଇ । ଓଡ଼ିଶାରେ ମଧ୍ୟ ଢେଙ୍କାନାଳ ଏବଂ ଯାଜପୁର ଓ ଭଦ୍ରକରେ ସିବିଆଇ ପକ୍ଷରୁ ଯାଂଚ କରାଯାଉଛି । ନଭେମ୍ବର ୧୪ ତାରିଖରେ ସିବିଆଇ ଅଲଗା ଅଲଗା ୨୩ଟି ମାମଲା ରୁଜୁ କରିଥିଲା । ଏଥିରେ ୮୩ ଜଣଙ୍କୁ ଅଭିଯୁକ୍ତ କରିଥିଲା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା । ବିଶେଷ କରି ଶିଶୁଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ଓ ଶୋଷଣ ଅଭିଯୋଗରେ ଏହି ମାମଲା କରାଯାଇଥିଲା । ଆନ୍ଧ୍ର ପ୍ରଦେଶ, ଉତରପ୍ରଦେଶ, ଦିଲ୍ଲୀ, ହରିୟାଣା, ପଂଜାବ, ବିହାର, ଓଡ଼ିଶା, ତାମିଲନାଡୁ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼, ମଧ୍ୟପ୍ରଦେଶ ଓ ହିମାଚଳ ପ୍ରଦେଶରେ ଏହି ଚଢାଉ ଚାଲିଛି ।

ଅନ୍‌ଲାଇନରେ ଶିଶୁ ଯୌନ ଶୋଷଣ ମାମଲା: ଓଡ଼ିଶାରେ ଖୋଳତାଡ଼ କରୁଛି ସିବିଆଇ

ଭୁବନେଶ୍ୱର,୧୬/୧୧ (ନି.ପ୍ର): ଅନ୍‌ଲାଇନରେ ଶିଶୁଙ୍କ ପ୍ରତି ବଢୁଥିବା ଯୌନ ଶୋଷଣ ମାମଲା ବଢ଼ିବାରେ ଆହ୍ୱାନ ମୋଡକୁ ଆସିଛି ସିବିଆଇ । ସିବିଆଇ ପକ୍ଷରୁ ଆଜି ଓଡ଼ିଶାରେ ମଧ୍ୟ ଯାଞ୍ଚ କରାଯାଉଛି । କେବଳ ଓଡ଼ିଶା ନୁହେଁ ଅନ୍ୟ ୧୩ଟି ରାଜ୍ୟ ଓ କେନ୍ଦ୍ରର ଶାସିତ ଅଞ୍ଚଳରେ ମଧ୍ୟ ସଂସ୍ଥା ପକ୍ଷରୁ ଖୋଳତାଡ଼ କରାଯାଉଛି । ମିଳିଥିବା ସୂଚନା ଅନୁଯାୟୀ, ସିବିଆଇ ପକ୍ଷରୁ ଆଜି ଅନଲାଇନ ଶିଶୁ ଯୌନ ଶୋଷଣ ମାମଲାରେ ଦେଶର ମୋଟ ୭୬ଟି ସ୍ଥାନରେ ଯାଞ୍ଚ କରାଯାଉଛି । ଏହା ମଧ୍ୟରେ ଓଡ଼ିଶା, ଦିଲ୍ଲୀ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ବିହାର, ତାମିଲନାଡୁ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ, ହରିଆଣା, ଛତିଶଗଡ଼, ମଧ୍ୟପ୍ରଦେଶ ଓ ହିମାଚଳପ୍ରଦେଶ ଭଳି ରାଜ୍ୟର ଏକାଧିକ ସ୍ଥାନ ରହିଛି । ଅନଲାଇନ ଶିଶୁଙ୍କ ପ୍ରତି ଯୌନ ଶୋଷଣ ନେଇ ଚଳିତ ମାସ ୧୪ ତାରିଖରେ ସିବିଆଇ ପାଖରେ ମାମଲା ଦାଏର ହୋଇଥିଲା । ୨୩ଟି ଭିନ୍ନ ଭିନ୍ନ ମାମଲାରେ ୮୩ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି ସିବିଆଇ । ଅନୁମାନ କରାଯାଉଛି, ଚିହ୍ନଟ ହୋଇଥିବା ଅଭିଯୁକ୍ତଙ୍କ ଠିକଣାରେ ଏହି ଯାଞ୍ଚ କରାଯାଉଛି ।

ହୀରାକୁଦ ଡ୍ୟାମ ବିସ୍ଥାପିତଙ୍କ ଭିତରୁ ୨୦୦୦ଙ୍କୁ ମିଳିବ ଘରଡ଼ିହ

ସମ୍ବଲପୁର/ଝାରସୁଗୁଡ଼ା,୧୬/୧୧(ନି.ପ୍ର): ରାଜ୍ୟ ସରକାରଙ୍କର ମନେ ପଡ଼ିଛି ହୀରାକୁଦ ଡ୍ୟାମ୍ ବିସ୍ଥାପିତଙ୍କ କଥା । ଡ୍ୟାମ୍ ପାଇଁ ଭିଟାମାଟି ହରାଇଥିବା ଝାରସୁଗୁଡ଼ା ଜିଲ୍ଲାର ୨୦୦୦ ବିସ୍ଥାପିତଙ୍କୁ ମିଳିବ ଘରଡ଼ିହ । ଏନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ପରେ ଅନ୍ୟ ବିସ୍ଥାପିତଙ୍କ ମଧ୍ୟରେ ଆଶା ସଞ୍ଚାରିତ ହୋଇଛି । ତେବେ ଏଠି ସାଧାରଣରେ ପ୍ରଶ୍ନ ଉଠୁଛି, ବାକି ବିସ୍ଥାପିତଙ୍କୁ କେବେ ଘରଡ଼ିହ ମିଳିବ ? ହୀରାକୁଦ ଡ୍ୟାମ ନିର୍ମାଣ କାର୍ଯ୍ୟ ୧୯୪୭ ମସିହାରେ ଆରମ୍ଭ ହୋଇଥିଲା । ୧୯୫୭ ମସିହା ଜାନୁଆରୀରେ ଲୋକାର୍ପିତ ହୋଇଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ୍ ନେହେରୁ ହୀରାକୁଦ ଡ୍ୟାମକୁ ଉଦ୍?ଘାଟନ କରିଥିଲେ । ସେହି ଡ୍ୟାମରୁ ଉତ୍ପାଦିତ ହେଉଥିବା ବିଜୁଳିରେ ସାରା ରାଜ୍ୟ ଆଲୋକିତ ହେଉଛି । ହେଲେ ଡ୍ୟାମ ▶▶ପୃଷ୍ଠା ୭

୬୭୯୪ ଗ୍ରାମ ପଂଚାୟତ ଓ ୯୧୯୧୬ଟି ୱାର୍ଡରେ ହେବ ଭୋଟ ଗ୍ରହଣ

ଭୁବନେଶ୍ୱର,୧୬/୧୧ (ନି.ପ୍ର): ଆସନ୍ତା ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନ-୨୦୨୨ରେ ୬୭୯୪ ଗୋଟି ଗ୍ରାମ ପଂଚାୟତ ତଥା ଏଥିମଧ୍ୟରେ ଅନ୍ତର୍ଭୁକ୍ତ ୯୧୯୧୬ଟି ୱାର୍ଡ ଲାଗି ଭୋଟ ଗ୍ରହଣ ହେବ । ଗତ ୨୦୧୭ ପଂଚାୟତ ନିର୍ବାଚନରେ ୬୮୦୧ ଗ୍ରାମ ପଂଚାୟତ ଲାଗି ଭୋଟ ଗ୍ରହଣ ହୋଇଥିବା ବେଳେ ଆସନ୍ତା ୨୦୨୨ ନିର୍ବାଚନରେ ଏହି ସଂଖ୍ୟା ୭ଟି ହ୍ରାସ ପାଇ ୬୭୯୪ ରହିଛି । ଏଥିମଧ୍ୟରୁ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ରେଥିବା ଶ୍ରୀକୃଷ୍ଣପୁର,ରେମୁଣା, ଗଣିପୁର ଏବଂ ଗଣେଶ୍ୱରପୁର ଆଦି ୪ଟି ଗ୍ରାମ ପଂଚାୟତ ରେମୁଣା ଏନ୍‌ଏସିରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ଗ୍ରାମ ପଂଚାୟତ ତାଲିକାରୁ ବାଦ୍ ଦିଆଯାଇଛି । ସେହିପରି ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଓ ଦଲକ ଗ୍ରାମପଂଚାୟତ, ଓଡ଼ଗାଁ ଏନ୍.ଏ.ସି.ରେ ଅନ୍ତର୍ଭୁକ୍ତ ହୋଇଥିବାରୁ ନୟାଗଡ଼ ଜିଲ୍ଲାର ଏହି ୨ ଗ୍ରାମପଂଚାୟତକୁ ତାଲିକାରୁ ବାଦ୍ ଦିଆଯାଇଛି । ବରଗଡ଼ ଜିଲ୍ଲାର ବିଜେପୁର ଗ୍ରାମ ପଂଚାୟତ, ବିଜେପୁର ଏନ୍.ଏ.ସି.ରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ମଧ୍ୟ ଗ୍ରାମ ପଂଚାୟତ ତାଲିକାରୁ ବାଦ୍ ଦିଆଯାଇଛି । ଆସନ୍ତା ୨୦୨୨ ନିର୍ବାଚନ ଲାଗି ୱାର୍ଡ ସଂଖ୍ୟା ମଧ୍ୟ ହ୍ରାସ ପାଇ ୯୧୯୧୬ ରହିଛି । ଗତ ୨୦୧୭ ପଂଚାୟତ ନିର୍ବାଚନରେ ୱାର୍ଡ ସଂଖ୍ୟା ୯୨୦୨୭ ରହିଥିବା ବେଳେଏନ୍.ଏ.ସି, ମ୍ୟୁନିସିପାଲିଟି ଓ ମ୍ୟୁନିସିପାଲ କର୍ପୋରେସନ ପୁନର୍ଗଠନ ପାଇଁ ୧୧୧ ୱାର୍ଡ ହ୍ରାସ ପାଇଛି । ଏଥିମଧ୍ୟରେ ରେମୁଣା ଏନ୍‌ଏସିରେ ୮ଟି ଗ୍ରାମ ପଂଚାୟତର ୫୭ଟି ୱାର୍ଡ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହି ୱାର୍ଡ ସବୁ ତାଲିକାରୁ ବାଦ ପଡ଼ିଛି । ସେହିପରି ୩୨ଟି ୱାର୍ଡ ଓଡ଼ଗାଁ ଏନ୍.ଏ.ସି.ରେ ଅନ୍ତର୍ଭୁକ୍ତ ହୋଇ ପଂଚାୟତ ୱାର୍ଡ ତାଲିକାରୁ ବାଦ୍ ପଡ଼ିଛି । ସେହିପରି ବିଜେପୁର ଏନ୍.ଏ.ସି.ରେ ୧୯ଟି ୱାର୍ଡ ଏବଂ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିରେ ୨ଟି ଅନ୍ତର୍ଭୁକ୍ତ ହୋଇ ଗ୍ରାମପଂଚାୟତ ୱାର୍ଡତାଲିକାରୁ ବାଦ୍ ପଡ଼ିଛି । ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ କଳାରାହଙ୍ଗ ଗ୍ରାମ ପଂଚାୟତର ଉଚ୍ଛେଦ ଏବଂ ନୂଆ ଇଞ୍ଜାଣ ଗ୍ରାମପଂଚାୟତ ଗଠନ ଯୋଗୁଁ ଏଠାରୁ ମଧ୍ୟ ଗୋଟିଏ ୱାର୍ଡ ହ୍ରାସ ପାଇଛି ।

କଟକରେ ବି କାର୍ତ୍ତିକ ପୂର୍ଣ୍ଣିମା ପାଇଁ କଟକଣା

କଟକ,୧୬/୧୧ (ନି.ପ୍ର): ଚଳିତ ମାସ ୧୯ ତାରିଖରେ ପଡୁଛି କାର୍ତ୍ତିକ ପୂର୍ଣ୍ଣିମା । ତେବେ ତା' ପୂର୍ବରୁ କଟକରେ ଜାରି ହୋଇଛି କଟକଣା । ଚଳିତ ବର୍ଷ ସର୍ବସାଧାରଣ ସ୍ଥାନରେ କେହି ବୁଡ଼ ପକାଇପାରିବେ ନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍.ଆର୍.ସି) ଗାଇଡଲାଇନ୍ ଜାରି କରିଥିବା ଆଜି କଟକ ଡିସିପି ପ୍ରତୀକ ସିଂଙ୍କ ଏନେଇ ▶▶ପୃଷ୍ଠା ୭

ଉଗାଣ୍ଡା ସଂସଦ ଭବନ ନିକଟରେ ବିସ୍ଫୋରଣ : ଅଳ୍ପ ଦୂରରେ ଥିଲେ ଭାରତୀୟ ଟିମ୍

ନୂଆଦିଲ୍ଲୀ,୧୬/୧୧: ଆଫ୍ରିକୀୟ ଦେଶ ଉଗାଣ୍ଡାରେ ବଡ ଧରଣର ବିସ୍ଫୋରଣ ହୋଇଛି । ଉଗାଣ୍ଡାର ରାଜଧାନୀ କମ୍ପାଲାରେ ଥିବା ସଂସଦ ଭବନ ନିକଟରେ ଏହି ବିସ୍ଫୋରଣ ହୋଇଛି । ଏହି ବିସ୍ଫୋରଣ ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି । ତେବେ ଏହି ଖବର ଭାରତ ପାଇଁ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡିଛି କାରଣ ବିସ୍ଫୋରଣସ୍ଥଳର ୧୦୦ ମିଟର ଦୂରରେ ଭାରତୀୟ ପାରା ବ୍ୟାଟମିଣ୍ଟନ ଖେଳାଳୀ ରହିଛନ୍ତି । ତେବେ ବିସ୍ଫୋରଣରେ ଭାରତୀୟ ଖେଳାଳୀ ରହୁଥିବା ହୋଟେଲରେ କୌଣସି ଅସୁବିଧା ହୋଇନଥିବା ଟ୍ୱିଟ୍ କରି ଜଣାଇଛି ଭାରତୀୟ ପାରା ବ୍ୟାଟମିଣ୍ଟନ ସଂଘ । ଏହି ପାରା ବ୍ୟାଟମିଣ୍ଟନ ଟିମରେ ଓଡ଼ିଶା ପୁଅ ପ୍ରମୋଦ ଭଗତ ମଧ୍ୟ ରହିଛନ୍ତି । ବିସ୍ଫୋରଣ ପରେ ପ୍ରମୋଦ ଭଗତ କନକ ନ୍ୟୁଜକୁ ସେଠାକାର ସ୍ଥିତି ବାବଦରେ ସୂଚନା ଦେଇଛନ୍ତି । ପ୍ରମୋଦ କହିଛନ୍ତି, ସମସ୍ତ ଖେଳାଳୀ ହୋଟେଲରେ ସୁରକ୍ଷିତ ଅଛନ୍ତି । ଅର୍ନ୍ତଜାତୀୟ ପାରା ବ୍ୟାଡମିଣ୍ଟନ - ୨୦୨୧ ଟୁର୍ଣ୍ଣାମେଣ୍ଟ ପାଇଁ ଏବେ ଭାରତୀୟ ଦଳ ଉଗାଣ୍ଡା ଗସ୍ତରେ ଯାଇଛି । ଗତ କିଛି ଦିନ ପୂର୍ବେ ଉଗାଣ୍ଡାରେ ପହଞ୍ଚିଛି ଭାରତୀୟ ଟିମ୍ । ଏହି ଟିମରେ ପାରା ଅଲିମ୍ପିକ୍ସ ବିଜେତା ପ୍ରମୋଦ ଭଗତ, ମନୋଜ ସରକାର ଓ ଅନ୍ୟ ଖେଳାଳୀ ସାମିଲ ଅଛନ୍ତି ।

ଦକ୍ଷିଣ ଉପକୂଳ ଓଡ଼ିଶାରେ କାଳବୈଶାଖୀ ସହ ହାଲୁକା ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୬/୧୧(ନି.ପ୍ର): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଉପକୂଳ ଓଡ଼ିଶା ସମେତ କିଛି ଜିଲ୍ଲାରେ ହାଲକା ବର୍ଷା ସହିତ କାଳବୈଶାଖୀ ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ ଓ ବୌଦ୍ଧ ରହିଛି । ଉକ୍ତ ଜିଲ୍ଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୌଣସି ପ୍ରକାର ୱାର୍ଣ୍ଣିଂ ଜାରି କରାଯାଇନାହିଁ । ସେହିପରି ନଭେମ୍ବର ୧୭ରୁ ୧୮ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ପୁରୀ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ହେବା ସହିତ କାଳବେ?ଶାଖୀ ସମ୍ଭାବନା ରହିଛି । ୧୮ରୁ ୨୦ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସହିତ ବର୍ଷା ସମ୍ଭା

କନ୍ଧମାଳ ହଳଦୀ ନାମରେ ଅପମିଶ୍ରଣ: ଚାଷୀ ପ୍ରଭାବିତ

କନ୍ଧମାଳ,୧୬/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାରୁ ଉତ୍ପାଦନ ହେଉଥିବା ହଳଦୀର ସାରା ଭାରତ ବର୍ଷରେ ଏପରିକି ବିଶ୍ୱ ସ୍ତରରେ ସ୍ୱତନ୍ତ୍ର ଚାହିଦା ରହିଛି । ସେଥିପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ହଳଦୀ ଚାଷୀ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଯୋଜନା ଓ ସଂସ୍ଥା ମାଧ୍ୟମରେ ସେମାନଙ୍କୁ ବିଭିନ୍ନ ପ୍ରକାରର ସହାୟତା ଯୋଗାଇ ଆସୁଛନ୍ତି । ଚାଷୀ ମାନଙ୍କଠାରୁ କିଛି ସଂସ୍ଥା ହଳଦୀ କିଣିବା ପରେ ତାକୁ ଉପଯୁକ୍ତ ପ୍ରଣାଳୀରେ ହଳଦୀ ଗୁଣ୍ଡକୁ ପ୍ୟାକେଟ୍ କରି ବଜାରକୁ ଏପରିକି ସାରା ଦେଶ ଓ ଦେଶ ବାହାରକୁ ମଧ୍ୟ ରପ୍ତାନୀ କରିଥାନ୍ତି । ପ୍ରକୃତ ପକ୍ଷରେ କନ୍ଧମାଳ ଜିଲ୍ଲାର ହଳଦୀ ଖଣ୍ଡ(ଫିଙ୍ଗର) ଯେଉଁ ହଳଦୀକୁ ଆମେ ଦୈନନ୍ଦିନ ଖାଦ୍ୟରେ ବ୍ୟବହାର କରିବା ଉଚିତ ସେଥିରେ କୁର୍କୁମିନ ନାମକ ଏକ ପ୍ରକାର ଔଷଧିୟ ଗୁଣ ୨.୫ ପ୍ରତିଶତରୁ ୩.୫ ପ୍ରତିଶତ ରହିଥାଏ । ଫଳରେ ତାହା ଖାଦ୍ୟ ଉପଯୋଗୀ ହେବା ସହିତ ଏହା ଔଷଧିୟ ଗୁଣଯୁକ୍ତ ହୋଇଥାଏ ଏବଂ ସେଥିପାଇଁ ଏହାର ଚାହିଦା ଅନ୍ତର୍ଜାତୀୟ ବଜାରରେ ମଧ୍ୟ ରହିଛି । ଏହି ହଳଦୀରେ ଆଉ ଗୋଟିଏ ଜିନିଷ ରହିଛି ଯାହାକୁ ଚିରାନାଲି ବୋଲି ସ୍ଥାନୀୟ ଭାଷାରେ କୁହାଯାଇଥାଏ ଯାହା ହଳଦୀ ଉତ୍ପାଦନ ପରେ ଯେଉଁ ଗଣ୍ଡି ଭଳି ଜିନିଷ ରହିଯାଏ ତାକୁ ମା ଗଣ୍ଡି ବୋଲି କହିଥାଆନ୍ତି । ସ୍ଥାନୀୟ ଲୋକେ ଏହାକୁ ପରବର୍ତି ବର୍ଷ ବିହନ ଭାବରେ ବ୍ୟବହାର କରିଥାଆନ୍ତି । ମା ଗଣ୍ଡିରୁ ହଳଦୀ ଅମଳ ପରେ ତାହା ଶୁଖି ଫମ୍ପା ଏବଂ ଗାଢ଼ା ହଳଦୀ ରଙ୍ଗ ଧାରଣ କରେ । ତାକୁ ସ୍ଥାନୀୟ ଭାଷାରେ ଚିରାନାଲି ବୋଲି କୁହାଯାଏ । ଏହି ଚିରାନାଲିରୁ ହଳଦୀ ବାହାରେ ନାହିଁ, କିନ୍ତୁ ସେଥିରୁ ପ୍ରକୃତ ହଳଦୀ ଠାରୁ ତିନି ଚାରି ଗୁଣ ଅଧିକ ବାସ୍ନା ସହିତ ସେଥିରୁ ମାତ୍ରାଧିକ ଭାବରେ ଗାଢ ହଳଦୀ ରଙ୍ଗ ବାହାରିଥାଏ । ସେହି ଚିରାନାଲି ଖାଦ୍ୟ ଉପଯୋଗୀ ହୋଇନଥାଏ । ଏହି ଚିରାନାଲିକୁ ଲୁଗା ପଟା ଏବଂ କପଡାକୁ ରଙ୍ଗ କରିବା କାର୍ଯ୍ୟରେ ସାଧାରଣତଃ ବ୍ୟବହାର କରାଯାଇଥାଏ । ସେଥିପାଇଁ ଏହାକୁ କିଲୋ ପିଛା ୪୦ ଟଙ୍କା ହିସାବରେ କପଡାରେ ରଙ୍ଗ ଦେଉଥିବା କମ୍ପାନୀ ଗୁଡିକ କିଣି ନେଇଥାଆନ୍ତି ଏବଂ ସେମାନେ ଏହାକୁ ବିଭିନ୍ନ କପଡାରେ ରଙ୍ଗ ଦେବା କାର୍ଯ୍ୟରେ ବ୍ୟବହାର କରିଥାନ୍ତି । କିନ୍ତୁ, ବର୍ତମାନ କନ୍ଧମାଳରେ ଏବଂ ଫୁଲବାଣୀରେ କନ୍ଧମାଳ ହଳଦୀ ଗୁଣ୍ଡ ତିଆରି ପାଇଁ ବିଭିନ୍ନ ନାମରେ ଛତୁ ଫୁଟିବାଭଳି ହଳଦୀ ଗୁଣ୍ଡ କମ୍ପାନୀ ସବୁ ଖୋଲିଲାଣି । ସେହି କମ୍ପାନୀ ମାନଙ୍କ ମଧ୍ୟରୁ କେତେକ କୌଣସି ଲାଇସେନ୍ସ ନଥାଇ ମଧ୍ୟ ନିଜ ନିଜ ଘରେ ଗୋଟିଏ ଲେଖାଏଁ ମିଲ୍ ବସାଇ ସେଥିରେ ପ୍ରକୃତ ହଳଦୀ ଖଣ୍ଡ (ଫିଙ୍ଗର) କିଲୋ ପିଛା ୬୦ ଟଙ୍କାରେ ନକିଣି ଏହି ଚିରାନାଲିକୁ ୩୫ ରୁ ୪୦ ଟଙ୍କା କିଲୋ ପିଛା କିଣି ତାକୁ ଗୁଣ୍ଡ କରି ସେଥିରେ ପ୍ରାୟ ୭୦ ପ୍ରତିଶତ ଖୁଦଗୁଣ୍ଡ ମିଶାଇ ସେଥିରେ କିଛି କେମିକାଲ ରଙ୍ଗ ମିଶାଇ କନ୍ଧମାଳ ହଳଦୀ ନାମରେ ପ୍ୟାକେଟ୍ କରି ଲୋକଙ୍କୁ ବିକ୍ରି କରିବା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ପଠାଉଛନ୍ତି । କିଛି ଲାଭଖୋର ବ୍ୟବସାୟୀ ରାଜ୍ୟର ଅନେକ ଜିଲ୍ଲାରେ ଏହି ଚିରାନାଲି ଗୁଣ୍ଡରେ ଖୁଦ ଗୁଣ୍ଡ ମିଶ୍ରଣ କରି ହଳଦୀ ଗୁଣ୍ଡ ଭାବରେ ବିକ୍ରିକରି ଭଲ ଲାଭାନ୍ୱିତ ହେଉଛନ୍ତି । ଲୋକେ ମଧ୍ୟ କନ୍ଧମାଳ ହଳଦୀ ନାମରେ ଏହି ନକଲି ଏବଂ ଖୁଦ ଗୁଣ୍ଡ ଓ କଲର ମିଶା ହଳଦୀ ଗୁଣ୍ଡକୁ ଆଗ୍ରହରେ ନେଇ ବ୍ୟବହାର କରୁଛନ୍ତି । ତାହାର ତଦାରଖ ପାଇଁ ମଧ୍ୟ ଫୁଡ ଇନିସପେକ୍ଟର ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି । ତେବେ କନ୍ଧମାଳ ହଳଦୀ ନାମରେ ଏହି ଅପମିଶ୍ରିତ ହଳଦୀଗୁଣ୍ଡ ବିକ୍ରି ଏବଂ ଏହାର ବ୍ୟବସାୟ ବନ୍ଦ କରାଇବା ଦିଗରେ ଜିଲ୍ଲା ପ୍ରଶାସନ ତତ୍ପର ହେବା ଦରକାର, ନଚେତ୍ କନ୍ଧମାଳ ହଳଦୀ ନାମରେ ଲୋକେ ଅପମିଶ୍ରିତ ହଳଦୀ ଗୁଣ୍ଡ ଖାଇ ଆଗକୁ ଅସୁସ୍ଥ ହେବାର ଆଶଙ୍କା ରହିଛି । ଏହା ସହିତ ପ୍ରକୃତ ଅସଲି କନ୍ଧମାଳ ହଳଦୀ ତିଆରି କରି ଲୋକଙ୍କୁ ବିକ୍ରି କରୁଥିବା ଲୋକେ ଏହାଦ୍ୱାରା ହତୋତ୍ସାହିତ ହୋଇଯିବା ସହିତ ଏହାର ପରିଣାମ ଜିଲ୍ଲାର ହଳଦୀ ଚାଷୀଙ୍କ ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି । ସେଥିପାଇଁ ଜିଲ୍ଲାରେ ଅନେକ ହଳଦୀ ଚାଷୀ ଏବେ ହଳଦୀ ଚାଷ ବନ୍ଦ କରିସାରିଲେଣି ।

ଜାଗ୍ରତ କନ୍ଧମାଳ ଓଡ଼ିଶା ପଛୁଆ ବର୍ଗଙ୍କ ସାମ୍ବିଧାନିକ ଅଧିକାର ସମ୍ପର୍କରେ ଆଲୋଚନା ଚକ୍ର

କନ୍ଧମାଳ,୧୬/୧୧ (ନି.ପ୍ର): ଆଜି ଜାଗ୍ରତ କନ୍ଧମାଳ ଓଡ଼ିଶା ତରଫରୁ ମା ମଙ୍ଗଳା କଲ୍ୟାଣୀ ମଣ୍ଡପ ସାରଙ୍ଗଡ ଠାରେ ପଛୁଆ ବର୍ଗ ମାନଙ୍କ ସାମ୍ବିଧାନିକ ଅଧିକାର କୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୂଖ୍ୟ ଅତିଥି ଜାଗ୍ରତ କନ୍ଧମାଳର ପ୍ରତିଷ୍ଠାତା , ଆଇନ ଯିବି ସତ୍ୟ ନାରାୟଣ ବେହେରା , ସହ ସଂପାଦକ ରମେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଅଙ୍ଗଦ କହଁର, ପୂଜାରୀ ଖଣ୍ଡାୟତ ର ସଭାପତି ଶ୍ୱେତ ବାନ ପୂଜାରୀ, ତେଲି ସମାଜର ସଭାପତି ଗଙ୍ଗାଧର ପୃଷ୍ଟି , କୋଷାଧକ୍ଷ ପ୍ରେମାନନ୍ଦ ମାଝି, ଏବଂ ଅନ୍ୟ ପଛୁଆ ବର୍ଗ ର ସଭାପତି ଏବଂ ସଂପାଦକ ମାନେ ଉପସ୍ଥିତ ଥିଲେ । କୋଷାଧକ୍ଷ ପ୍ରେମାନନ୍ଦ ମାଝି ସଭା ପରିଚାଳନା କରିଥିଲେ । ଆଇନ ଯିବି ସତ୍ୟ ନାରାୟଣ ବେହେରା ଓବିସି ମାନଙ୍କର ଅଧିକାର ଓ ହକ୍ ଦାବି ବିଷୟର ପୁଙ୍ଖାନୁପୁଙ୍ଖ ଆଲୋଚନା କରୁଥିଲେ । ୧- ୧୯୩୧ ମସିହା ଜାତି ଭିତ୍ତିକ ଗଣନା ୫୨ ପ୍ରତିଶତ ଅନୁଯାୟୀ ଶିକ୍ଷା, ନିଯୁକ୍ତି ଓ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ।୨- ସମ୍ବିଧାନ ଧାରା ୩୩୦ ଓ ୩୩୨ଅନୁଯାୟୀ ସଂସଦ ଓ ବିଧାନ ସଭା ରେ ସଂରକ୍ଷଣ ବ୍ୟବସ୍ଥା । ୩- ଛାତ୍ର ଛାତ୍ରୀ ଙ୍କ ନିମନ୍ତେ ପ୍ରତେକ ବ୍ଲକ୍ ରେ ସ୍ୱତନ୍ତ୍ର ଛାତ୍ର ବାସ , ଓ ଆବାସିକ ବିଦ୍ୟାଳୟ ସ୍ଥାପନ ।୪- ମେଧାବୀ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ୫ ଲକ୍ଷ ଟଙ୍କା ଷ୍ଟାଇପେଣ୍ଡ, ଭୂମି ହିନ ପତିବରା ଙ୍କ ପାଞ୍ଚ ଏକର ଜମି ।୫- ସଂଖ୍ୟା ଅନୁପାତ ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସାମିଲ ।୬- ସମ୍ବିଧାନ ଧାରା ୩୪୦ ସମ୍ପୂର୍ଣ୍ଣ କାର୍ଯ୍ୟ କାରୀ କରାଯିବା କୁ ଆଗାମୀ ଦିନରେ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବାକୁ ସ୍ଥିର କରାଗଲା । ଏବଂ ସମସ୍ତ ସଦ୍ୟସ ସହମତି ପ୍ରକାଶ କରିଥଲେ । ଶେଷରେ ଶହ ସଂପାଦକ ଧନ୍ୟବାଦ୍ ଅର୍ପଣ କରିଥଲେ ।

କାଲିମେଳା ଆଶ୍ରମ ବିଦ୍ୟାଳୟରୁ ୩ ବସ୍ତା ଚାଉଳ ବିକ୍ରୀ ପାଇଁ ନେଇଥିବାବେଳେ ଧରାପଡିଲେ ରୋଷେୟା !

ମାଲକାନଗିରି ,୧୬/୧୧ (ନି.ପ୍ର): କାଲିମେଳା ହାଇସ୍କୁଲ ସମ୍ମୁଖରେ ଥିବା ଆଶ୍ରମ ବିଦ୍ୟାଳୟରୁ ପିଲାଙ୍କ ପାଇଁ ଆସିଥିବା ହଷ୍ଟେଲ ଚାଉଳ ଚୋରାରେ ବିକ୍ରି ହେଉଥିବାର ଖବର ଏବେ ସତ ପ୍ରମାଣିତ ହୋଇଛି । ଏହି ଆଶ୍ରମ ବିଦ୍ୟାଳୟର ଜଣେ ରୋଷେୟା ଓ ଅନ୍ୟ ଜଣେ ଯୁବକ ଦୁଇଟି ବାଇକରେ ୩ ବସ୍ତା ହଷ୍ଟେଲ ଚାଉଳ କାଲିମେଳା ବଜାରକୁ ବିକ୍ରୀ ପାଇଁ ଆଣିଥିବା ବେଳେ କିଛି ଯୁବକ ଏହାକୁ ଧରିଥିଲେ ! ସେମାନଙ୍କୁ ଧରିବା ପରେ ଏହା ବିକ୍ରୀ ପାଇଁ ପ୍ରଧାନଶିକ୍ଷକ ଦେଇଥିଲେ ବୋଲି ସ୍ୱୀକାର କରିଥିବା ଜଣାପଡିଛି ! ଅନ୍ୟପକ୍ଷରେ ସ୍କୁଲର ପ୍ରଧାନଶିକ୍ଷକ ରୋଷେୟାକୁ ଫୋନରେ ସେହି ଚାଉଳ ହଷ୍ଟେଲର ନୁହେଁ ବରଂ ନିଜର ବୋଲି କହିବାକୁ ପ୍ରବର୍ତାଉଥିବାର ଶୁଣିବାକୁ ମିଳିଥିଲା । କାଲିମେଳା ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ରହୁଥିଲେ । ମହାମାରୀ ଯୋଗୁଁ ଦୀର୍ଘ ବର୍ଷ ହେଲା ହଷ୍ଟେଲ ବନ୍ଦ ରହିଥିଲା ! ଅନ୍ତେବାସୀମାନଙ୍କ ପାଇଁ ହଷ୍ଟେଲ ଚାଉଳ କାଲିମେଳା ଆଶ୍ରମ ବିଦ୍ୟାଳୟର ରୋଷେୟା ସୁରେନ୍ଦ୍ର ନାମକ ଯୁବକ ଏକ ବାଇକ୍ (ଓଡି - ୩୦ - ୮୭୩୯) ରେ ଦୁଇ ବସ୍ତା ହଷ୍ଟେଲ ଚାଉଳ କାଲିମେଳା ବଜାରରେ ଥିବା ଏକ ଦୋକାନକୁ ବିକ୍ରି କରିବାକୁ ଆଣିଥିବାର ଦେଖିବାକୁ ମିଳିଥିଲା । ସେହିପରି ହରି ନାମକ ଅନ୍ୟ ଜଣେ ଯୁବକ ଏକ ବାଇକରେ ଗୋଟିଏ ବସ୍ତା ହଷ୍ଟେଲ ଚାଉଳ ସେହି ନିର୍ଦ୍ଦିଷ୍ଟ ଦୋକାନକୁ ବିକ୍ରି କରିବାକୁ ଆଣିଥିଲେ । ତେବେ ସେମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଚାଉଳ ଛାଡି ପଳାଇଥିଲେ । ତେବେ ଏହି ଆଶ୍ରମ ବିଦ୍ୟାଳୟରେ ଅନ୍ତେବାସୀମାନଙ୍କୁ ଚାଉଳ ନ ଦେଇ ବିଦ୍ୟାଳୟ ମଧ୍ୟରେ ମହଜୁଦ କରି ରଖାଯାଇ ସୁବିଧା ସୁଯୋଗ ଦେଖି ଚୋରାରେ ବାହାରେ ବିକ୍ରି କରାଯାଉଥିବାର ପୂର୍ବରୁ ଅଭିଯୋଗ ହୋଇଆସୁଥିଲା । ଯାହା ଆଜିର ଘଟଣାରୁ ସତ ପ୍ରମାଣିତ ହୋଇଯାଇଛି । ତେବେ ଏହି ଚୋରା ଚାଉଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଆସିଥିବା ମଧ୍ୟାହ୍ନ ଭୋଜନ ଚାଉଳ ନା ହଷ୍ଟେଲ ଚାଉଳ ତାହା ଜଣାପଡ଼ିନାହିଁ । ଏ ସଂପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ବ୍ଲକ୍ ମଙ୍ଗଳ ଅଧିକାରୀ ଭରତ ଗୁରୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ କହିଛନ୍ତି ।

ଅବ୍ୟବସ୍ଥା ଘେରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ଭୁବନ,୧୬/୧୧ (ନି.ପ୍ର): ଭୁବନର ସର୍ବପୁରାତନ ତଥା ଏକମାତ୍ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବେ ୫ଟି ଅଧିନରେ ମୋ ସ୍କୁଲ / ସ୍ମାର୍ଟ ସ୍କୁଲ ଭାବେ ରୂପାନ୍ତରିତ ହୋଇଛି । ଏଥିପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ଅର୍ଥ ମଧ୍ୟ ଯୋଗାଇ ଦେଇଛନ୍ତି ପୁରାତନ ଛାତ୍ରୀ ମାନଙ୍କୁ ନେଇ ମୋ ସ୍କୁଲ କମିଟି ଗଠନ ହୋଇନଥିବା ଓ ବିଳମ୍ବରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହେବା ଯୋଗୁ ଏନଏସି ପ୍ରଶାସନ ଏହାର ଲାଭ ଉଠାଇ କେବଳ ରଙ୍ଗ(ଚୂନ) ମାରି ୩୫ ଲକ୍ଷ ଟଙ୍କା ଚଲୁ କରିବାକୁ ବସିଛି ବୋଲି ଖୋଦ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜକୁମାର ପୋଥାଳ ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ,ବିଦ୍ୟାଳୟ ଗଣଶିକ୍ଷା ସଚିବ,୫ଟି ସଚିବ ଏବଂ ମୁଖ୍ୟମନ୍ତ୍ରୀ ଙ୍କ ନିକଟରେ ଅଭିଯୋଗକରିଛନ୍ତି । ଶ୍ରୀ ପୋଥାଳ ଅଭିଯୋଗରେ ଦର୍ଶାଇଛନ୍ତି ଯେ ,ବର୍ତମାନ ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ସମୁଦାୟ ୩୫୮ ଜଣ ଛାତ୍ରୀ ୬ ଟି ଶ୍ରେଣୀଗୃହରେ ଅଧ୍ୟୟନ କରୁଥିବା ବେଳେ ପ୍ରଧାନଶିକ୍ଷକ ଙ୍କ ସମେତ ୮ ଜଣଓ ଭୋକେସନାଲ ପାଇଁ ୨ ଜଣ ଶିକ୍ଷକ,ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି । ଜଣେ ବିଜ୍ଞାନ,ଜଣେ ଟିଜିଟି,ଜଣେ ଟିଆଇ,୨ ଜଣ ଟିଏସ,ଜଣେ ଖେଳଶିକ୍ଷକ ଓ ୨ ଜଣ ପିଅନ ପଦବୀ ଫାଙ୍କା ଅଛି ଓ ୨ ଟି ଶ୍ରେଣୀଗୃହ,ଗୋଟିଏ ଭୋକେସନାଲ ଲାବୋରେଟାରୀ,ଗୋଟିଏ କ୍ରୀଡା ଉପକରଣ ଗୃହ ଆବଶ୍ୟକ ରହିଛି । ଏନଏସି ପ୍ରଶାସନ ଆଦୌ ଗୃହ ନିର୍ମାଣ କିମ୍ବା କୌଣସି କନଷ୍ଟ୍ରକସନ କାର୍ଯ୍ୟ ନକରି କେବଳ ରଙ୍ଗ(ଚୂନ)ମାରି ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି କହୁଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଆଜିଠାରୁ ଷଷ୍ଠ ସପ୍ତମ ଶ୍ରେଣୀ ଶିକ୍ଷାଦାନ ଆରମ୍ଭ ହୋଇଥିବା ବେଳେ ଛାତ୍ରୀ ମାନଙ୍କ ନିମନ୍ତେ ବସିବାକୁ ଜାଗାନଥିବା କାରଣରୁ ଗୋଟିଏ ଘରେ ଖୁନ୍ଦାଖୁନ୍ଦି ହୋଇ ଲାଗିକରି ପିଲାମାନେ ବସିଥିବା ଦେଖିବାକୁ ମିଳିଥିଲା । କୋଭିଡ ଗାଇଡଲାଇନ କଡାକଡି ପାଳନ କରି ଶିକ୍ଷାଦାନ କରାଯିବାକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ତାହା ପାଳନ କରାଯାଇନଥିଲା । ଏ ସଂପର୍କରେ ପ୍ରଧାନଶିକ୍ଷକ ନାରାୟଣ ରଣା ଙ୍କୁ ପଚାରିବାରୁ ସେ ଅକ୍ଷମତା ପ୍ରକାଶ କରି ଶ୍ରେଣୀଗୃହ ନଥିବାରୁ ଗୋଟିଏ ଡେସ୍କରେ ୩ ଜଣ ପିଲା ବସିଥିଲେ ଓ ଏନଏସି ପ୍ରଶାସନ ତ ଗୃହ ନିର୍ମାଣ କରୁନାହିଁ ଆମ୍ଭେ କଣ କରିବୁ ବୋଲି ପ୍ରଶ୍ନ କରିଥିଲେ । ସୂଚନାଯୋଗ୍ୟ ଯେ, ଭୁବନ ଏନଏସି ଅନ୍ତର୍ଗତ ୫ ନମ୍ବର ୱାର୍ଡ ବାସିନ୍ଦା ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାତ୍ର ଓରଫ ବାଉରୀ ପାତ୍ର ନାରୀ ଶିକ୍ଷାର ପ୍ରସାର ପାଇଁ ୧୯୬୩ ମସିହାରେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିଳାନ୍ୟାସ

ହରିଚନ୍ଦନପୁର,୧୬/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପିଟାପିଟି ଗ୍ରାମରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଶିଳାନ୍ୟାସ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ଯୋଗେ ସୋମବାର ଦିନ ବିଦ୍ୟାଳୟର ଶିଳାନ୍ୟାସ କରିଥିଲେ । କେନ୍ଦ୍ର ସରକାର କେନ୍ଦୁଝର ଜିଲ୍ଲାର ତେଲକୋଇ, ବାଉଁଶପାଳ, ପାଟଣା, ହରିଚନ୍ଦନପୁର ଆଦି ବ୍ଲକରେ ୪ଟି ସ୍କୁଲ ଖୋଲିବାକୁ ନିଷ୍ପତି ନେଇଛନ୍ତି । ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିବାସୀ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ଯୋଗଦେଇ ଆଦିବାସୀ ବହୁଳ ଅଂଚଳରେ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଏହିପରି ସ୍କୁଲ ଖୋଲିବାକୁ ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି । କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଜୟକୃଷ୍ଣ ମହାନ୍ତ, ଚତୁର୍ଭୁଜ ସାହୁ, ଅଶୋକ ଚନ୍ଦ୍ର ବେହେରା, ଅଭିମନ୍ୟୁ ସାହୁ, ଯତୀନ୍ଦ୍ର ପଲେଇ, ଗୋଲକ ବିହାରୀ ସାହୁ, ସିରିଶ ସାହୁ (ଟୁଟୁ), ଛତିଶ ସାହୁ, ବାଘା ପରିଡ଼ା, ନିବାସ ରଣା ପ୍ରମୁଖ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସମେତ ବହୁ ଅଂଚଳବାସୀ ଯୋଗ ଦେଇଥିଲେ ।

ଭରା ନଈରେ ବାଜି ଲାଗୁଛି ଜୀବନ

ମାଲକାନଗିରି , ୧ ୫ ନଭେମ୍ବର (ହି. ସ.)- ସ୍ୱାଧୀନତାର ସାତ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଆଜି ବି ଗାଁରେ ପହଂଚିପାରୁନି ବିକାଶ । ରାତି ପାହିଲେ ଜୀବନ , ଜୀବିକା ପାଇଁ ଭରା ନଈରେ ଲାଗୁଛି ଜୀବନ । ନଈରେ ଦେଶୀ କାଠ ଡଙ୍ଗାରେ ବିପଦସଙ୍କୁଳ ଅବସ୍ଥାରେ ପାର ହେଲେ ଯାଇ ମିଳୁଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ । ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ସେମାନଙ୍କୁ ଭରା ନଈ ପାର ହେବାକୁ ପଡୁଛି । ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ମାଓ ପ୍ରବଣ ମାଲକାନଗିରି ଜିଲା ମାଥିଲି ବ୍ଲକ ଟେମୁରୁପାଲି ପଂଚାୟତର ସରଙ୍ଗପାଲ୍ଲି , ଦୁସାନାଡ , ମାର୍କାପାଲି , ଭୁସୁଡିଗୁଡ଼ା , ବାକିଲିଗୁଡା , ଇଜାରଗୁଡା ପରି ଛଅଟି ଗ୍ରାମର ଲୋକେ ଜୀବନକୁ ବାଜି ଲଗାଇ ପାର ହେଉଛନ୍ତି । ଭରା ନଈରେ ପାର ହେବା ପରେ ପଡ଼େ ଦୁସାନାଡ ହାଟ , କିଆଙ୍ଗ ହାଟ , ମାଥିଲି ହାଟରୁ ନିତ୍ୟ ସାମଗ୍ରୀ ଆଣିଲେ ଚାଲେ ତେଲ ଲୁଣର ସଂସାର । ଲୋକେ ଜୀବନକୁ ବାଜି ଲଗାଇ ଦେଶୀ କାଠ ଡଙ୍ଗାରେ ବିପଦସଙ୍କୁଳ ଅବସ୍ଥାରେ ବର୍ଷ ବର୍ଷ ଧରି ପାର ହୋଇ ଯାଉ ଯାଉ ଅନେକ ସମୟରେ ଦୁର୍ଘଟଣାରେ ଅନେକ ଜୀବନ ଯାଇଛି । ଏଭଳି ଦୁଃଖଦ ଘଟଣା ଘଟିଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ବଡ଼ବଡ଼ିଆ ନେତାଙ୍କ ନଜରକୁ ନ ଆସିବା ପରିତାପର ବିଷୟ ବୋଲି ଅନେକ ଗ୍ରାମବାସୀ କହିଛନ୍ତି । ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଯଦି ଆଗାମୀ ଦିନରେ ଲୋକଙ୍କ ସୁବିଧା ଓ ସୁରକ୍ଷା ଦୃଷ୍ଟିରୁ ଏହି ନଈ ପାର ହେବା ପାଇଁ ମୋଟର ଲଂଚ ଯୋଗାଇ ଦିଆ ନ ଯାଏ ତା'ହେଲେ ଏହି ଛଅଖଣ୍ଡ ଗ୍ରାମର ୧୫ଶହରୁ ଉର୍ଦ୍ଧ୍ୱ ଲୋକ ଭୋଟ ବର୍ଜନ କରିବେ ବୋଲି ଚରମବାଣୀ ଶୁଣାଇଛନ୍ତି !

ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ନୂଆପଡା,୧୬/୧୧ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଖଇରା ଜନଶକ୍ତି ହାଇସ୍କୁଲ ଖେଳପଡିଆଠାରେ ମାଁ ବଲସଘରିଏନ୍ ଯୁବକ ସଂଘ ପକ୍ଷରୁ ଗ୍ରାମାଂଚଳ ଫୁଟବଲ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ ଖେଳାଯାଇଥିଲା । ପ୍ରଥମ ମ୍ୟାଚ ବିରିଘାଟ ଓ ସୁକଲପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଗୋଲ ଶୂନ୍ୟ ରହିଥିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା । ଏଥିରେ ବିରିଘାଟ ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ସୁକଲପୁର ଓ ଟେମରି ଦଳ ମଧ୍ୟରେ ଖେଳାଯାଇଥିଲା । ଏଥିରେ ଟେମରି ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା । ଖେଳକୁ କ୍ରୀଡ଼ା ଶିକ୍ଷକ ବଳରାମ ସରାଫ ପରିଚାଳନା କରିଥିଲେ ।

ବିରି ଫସଲକୁ ଉଜାଡି ଦେଲା ଅଦିନିଆ ବର୍ଷା : ଧୋୟାଟଂଳ ଚାଷୀଙ୍କ ମୁଣ୍ଡରେ ଚଡକ

ପଟ୍ଟାମ

ଅଯଥା ଖର୍ଚ୍ଚରୁ ବର୍ତ୍ତିବାର ଉପାୟ

ବିବାହ ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଯେଉଁ ଛୋଟ ମୋଟ ଝଗଡ଼ା ଦେଖାଦେଇଥାଏ ତାହାର କାରଣ ମଧ୍ୟରୁ ଗୋଟିଏ କାରଣ ହେଉଛି ଅଯଥା ଖର୍ଚ୍ଚ । ସ୍ୱାମୀ ଗ୍ୟାଜେଟ୍ ହେଉ ଅବା ନିଶା ପାଇଁ ଅଧିକ ଖର୍ଚ୍ଚ କରୁଥିବାର ଅଭିଯୋଗ ପତ୍ନୀ ଆଣୁଥିଲାବେଳେ ସ୍ୱାମୀଙ୍କର ଅଭିଯୋଗ ରହିଥାଏ ଯେ, ପତ୍ନୀ ନିଜ ପାଇଁ ଅଯଥା ଖର୍ଚ୍ଚ ପାରିବାରିକ ଆର୍ଥିକ ସ୍ଥିତି ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ବେଳେବେଳେ ଏହି କଥା ଏତେ ଆଗକୁ ଯାଇଥାଏ ଯେ, ସ୍ୱାମୀ-ସ୍ତ୍ରୀ ଅଲଗା ହେବାର ନିଷ୍ପତ୍ତି ମଧ୍ୟ ନେଇଥାନ୍ତି । ଏପରି ଘଟଣାକୁଚଚ କଦାପି ହାଲକାରେ ନିଆଯାଇନପାରେ । ଅପୋଷ ବୁଝାମଣଭା ମାଧ୍ୟମରେ ଏହାର ସମାଧାନ ଜରୁରୀ । ଏହି ଘଟଣା ଦ୍ୱାରା ଆତ୍ମବିଶ୍ୱାସ ମଧ୍ୟ ହ୍ରାସ ପାଇଥାଏ, ମନ ଭିତରେ ଅସୁରକ୍ଷା ଭାବ ମଧ୍ୟ ସୃଷ୍ଟି ହୋଇଥାଏ । ତେଣୁ ବିତ୍ତୀୟ ସୁରାକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରଥମରୁ ହିଁ ପଦକ୍ଷେପ ନେବା ଜରୁରୀ ।

■ ସଠିକ୍ ବୁଝାମଣା, ଆଲୋଚନା ଅଭାବ କାରଣରୁ ଅଯଥା ଖର୍ଚ୍ଚ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ । ନିଜେ ନିଜର ଦୋଷକୁ ଗ୍ରହଣ କରିବା ଅପେକ୍ଷା ଅନ୍ୟ ଉପରେ ଦୋଷ ଲଦି ଦେବା କାରଣରୁ ଘଟଣା ଆଗକୁ ବଢ଼ିଥାଏ । ତେଣୁ ବୈବାହିକ ଜୀବନରେ ଏହି ବିତ୍ତୀୟ ଅନିୟମିତତାର ପରିସ୍ଥିତି ସୃଷ୍ଟି ହେଲେ ତୁରନ୍ତ ଆପୋଷ ଆଲୋଚନା କରିବା ଜରୁରୀ । ନିଜକୁ ସୁରକ୍ଷା ଦେବାକୁ ଯାଇ ଅନ୍ୟ ଉପରେ ଦୋଷ ଲଦିବା ଗ୍ରହଣ ନୁହେଁ । ବୁଝିବା ଦରକାର ଯେ, ଏହି ଅଯଥା ଖର୍ଚ୍ଚ ଗୋଟିଏ ଦିନର ଅଭ୍ୟାସ ନୁହେଁ, ଦୀର୍ଘ ଦିନରୁ ଚାଲିଆସିଛି । ରାତାରାତି ଏହାକୁ ବଦଳା ଯାଇପାରିବ ନାହିଁ । ଏଥିପାଇଁ ଧୌର୍ଯ୍ୟ ରଖିବା ଦରକାର । ଖର୍ଚ୍ଚ ହ୍ରାସ ପାଇଁ ନୂଆରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ ତେବେ ଦୃଷ୍ଟି ଦେବାର ବିଷୟ ହେଉଛି ଏହି ଯୋଜନାରେ ଉଭୟଙ୍କ ଭାଗିଦାରୀ ରହିବା ଆବଶ୍ୟକ ।

■ ଅଯଥା ଖର୍ଚ୍ଚ ରୋକିବା ପାଇଁ ଭୟ ଏକାଠି ବସି ଏକ ବିସ୍ତୃତ ଲିଖିତ ଯୋଜନାପ୍ରସ୍ତୁତ କରିବା ଆବଶ୍ୟକ । କାରଣ କଥାରେ ଦେଇଥିବା ପ୍ରତିଶ୍ରୁତିରେ ହିଁ ରହିଯାଇଥାଏ । କେତେ ପଇସା ଘରକୁ ଆସୁଛି, କେତେ ବଞ୍ଚୁଛି, କେତେ ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ ହେଉଛି ତାହାର ମଧ୍ୟ ହିସାବ ରଖିବା ଦରକାର ।

■ ଅଯଥା ଖର୍ଚ୍ଚ ରୋକିବା ପାଇଁ ଜଏଣ୍ଟ ଆକଉଣ୍ଟ ଖୋଲିବା ମଧ୍ୟ ବୁଦ୍ଧିମାନର କାର୍ଯ୍ୟ । ଏହାଦ୍ୱାରା କେତେ ଟଙ୍କା ଜମା ହେଉଛି ଆଉ କେତେ ଉଠୁଛି ତାହାର ଏକ ସଠିକ୍ ସୂଚନା ଉଭୟଙ୍କ ନିକଟରେ ରହିପାରିବ ।

■ ବାହାରକୁ ସପିଂ ପାଇଁ ଗଲାବେଳେ ଅନେକ ସମୟରେ ଆବଶ୍ୟକ ନଥିବା ଜିନିଷକୁ କିଣିବା ପାଇଁ ମନବଳିଥାଏ । ତେଣୁ ଅଯଥା ଖର୍ଚ୍ଚ ରୋକିବାକୁ ହେଲେ ସପିଂ ବାହାରିବା ପୂର୍ବରୁ ଏକ ତାଲିକା ପ୍ରସ୍ତୁତ କରିବା ଦରକାର । ସେହିପରି ଅନଲାଇନ ସପିଂ ଠାରୁ ମଧ୍ୟ ଦୂରରେ ରହିବା ଦରକାର ।

■ ଯଦି ଦୀର୍ଘ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇପାରୁନାହିଁ, ତେବେ ଜଣେ ଆର୍ଥିକ ପରାମର୍ଶଦାତାଙ୍କ ସହଯୋଗ ମଧ୍ୟ ଆପଣ ନେଇପାରିବେ ।

ଜାଣନ୍ତୁ ଆଖିର ଯତ୍ନ ସମ୍ପର୍କରେ

ଆଖି ଆମ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଆଖି ଦ୍ୱାରା ଆମେ ଏଇ ସୁନ୍ଦର ସଂସାର ଦେଖି ପାରୁଛେ କିନ୍ତୁ ବୟସ ବୃଦ୍ଧି ସହିତ ଆଜିର ଲାଇଫଷ୍ଟାଇଲ ଓ ପ୍ରଦୂଷଣ ଯୋଗୁଁ ଖୁବ କମ ବୟସରେ ଲୋକଙ୍କ ଦୃଷ୍ଟି ଶକ୍ତି ହ୍ରାସ ପାଇବାରେ ଲାଗିଛି । ଫଳରେ ଆମକୁ ଚଷମାର ସାହାଯ୍ୟ ନେବାକୁ ପଡୁଛି । ଘରୋଇ ଉପାୟରେ କିପରି ଆଖିର ଯତ୍ନ ନିଆଯାଇପାରିବ ଆସନ୍ତୁ ଜାଣିବା । ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଆଖିରେ ସୋରିଷ ତେଲ କିମ୍ବା ଦେଶୀ ଘିଅ ଲଗାନ୍ତୁ । ନିୟମିତ ଅନୁଲୋମ-ବିଲୋମ, ପ୍ରାଣାୟମ କରନ୍ତୁ ଏବଂ ସକାଳେ ଖୋଲା ପାଦରେ ଘାସରେ ଚାଲନ୍ତୁ । ଅଁଳା ପାଣିରେ ଆଖିକୁ ଧୁଅନ୍ତୁ । ଏହା ସହିତ ରାତିରେ ଦୁଇ ଟୋପା ଗୋଲାପ ଜଳ ଆଖିରେ ପକାନ୍ତୁ । ଆଖିରୁ ପାଣି ଝରିବା, ଧରିବା ଓ ଦୁର୍ବଳତା ଦେଖା ଦେଲେ ରାତିରେ ୮ଟି ବାଦାମ ଭିଜାଇ ସକାଳେ ତାକୁ ବାଟି ପିଇବା ଦ୍ୱାରା ଏପରି ରୋଗରୁ ଉପଶମ ମିଳିଥାଏ । ଆଖି ପାଇଁ କଦଳୀ ଓ ଆଖୁ ଲାଭକାରୀ ଖାଦ୍ୟ । ଏକ ଗ୍ଲାସ୍ ଲେମ୍ବୁ ପାଣି ପିଇବା ଦ୍ୱାରା ଆଖି ସମ୍ବନ୍ଧୀୟ ରୋଗରୁ ରକ୍ଷା ମିଳିଥାଏ ।



ବ୍ୟସ୍ତ ମହିଳାଙ୍କ ପାଇଁ ବ୍ୟାୟାମ

ଆଜିକାଲି ମହିଳାମାନଙ୍କ ଜୀବନ ଖୁବ୍ ବ୍ୟସ୍ତବହୁଳ ହୋଇପିଡ଼ିଛି । ନିଜ ପାଇଁ ସମୟ ନାହିଁ କହିଲେ ଚଳେ । କିନ୍ତୁ ଏଥିପାଇଁ ସ୍ୱାସ୍ଥ୍ୟକୁ ଅବହେଳା କଲେ ଚଳିବ ନାହିଁ । ସୁସ୍ଥ ନରହିଲେ କୌଣସି କାମ ସଠିକ ଭାବେ କରିପାରିବେ ନାହିଁ । ବ୍ୟସ୍ତ ଜୀବନରେ ସୁସ୍ଥ ରହିବା ପାଇଁ କିଛି ବ୍ୟାୟାମ ପରାମର୍ଶ ।

କିଛି ବିଶେଷ ଟିପ୍ସ:

- ଲିଫ୍ଟ ବା ଏକ୍ସାଲେଟର ବଦଳରେ ଶିଡ଼ି ବ୍ୟବହାର କରନ୍ତୁ ।
- ଖାଇବା ପରେ ଅନ୍ତତଃ ଦଶମିନିଟ୍ ଚାଲବୁଲ କରନ୍ତୁ ।
- ହାତରେ ସମୟ ନଥିଲେ ପଡ଼ିଶା କିମ୍ବା ଅଫିସରେ ଟିକେ ବୁଲାବୁଲି କରନ୍ତୁ ।
- ସମୟ ନମିଳିଲେ ଛିଟି ଦିନ ପାଇଁ ଭଲ ଉପଯୋଗୀ ଏକ୍ସସରସାଇଜ ରୁଟିନ୍ ତିଆରି କରନ୍ତୁ ।
- ପାଣି ଗରମ କଲାବେଳେ ବା ପାଖରେ କିଛି ସମୟ ଥିଲେ ସ୍କିପିଂ କରନ୍ତୁ ।
- ଅଫିସ ଯିବା ପୂର୍ବରୁ ମେକଅପ କଲାବେଳେ ଆଇନା ଆଗରେ ଛିଡ଼ା ହୋଇ ନିଜ ପସନ୍ଦର ସଙ୍ଗୀତ ଶୁଣୁ ଶୁଣୁ ୧୦-୧୫ ମିନିଟ ଜଗିଂ କରନ୍ତୁ ।
- ଟିଭି ଦେଖିବା ବେଳେ ରିମୋଟ୍ ପାଖରେ ରଖିବେ ନାହିଁ ।
- ସମୟ ମିଳିଲେ ନିଜେ ଦୋକାନକୁ ଚାଲିଚାଲି ଯାଆନ୍ତୁ ଓ ଫେରନ୍ତୁ ।
- ଛିଡ଼ା ହୋଇ ରନ୍ଧାବଢ଼ା କରିବା ବେଳେ ଦଣ୍ଡବୈଠକ କରିପାରନ୍ତି ।
- ପିଲା ସ୍କୁଲରୁ ଫେରିବା ପାଇଁ ଅପେକ୍ଷା କରିଥିବା ବେଳେ ଛିଡ଼ା ନହୋଇ ଟିକେ ଚାଲବୁଲ କରନ୍ତୁ ।
- କାମ ମଝିରେ୫-୧୦ ମିନିଟ ପାଇଁ ଠନ୍ତୁ।
- ଟିକେ ଚାଲବୁଲ କରନ୍ତୁ । ଅବା ଶିଡ଼ି ଓହ୍ଲାନ୍ତୁ ଓ ଚଢ଼ନ୍ତୁ ।
- ନାଚିବାକୁ ଭଲ ପାଉଥିଲେ ସମୟ ମିଳିଲେ ନାଚନ୍ତୁ ମନ ଓ ଶରୀର ଉଭୟ ଭଲ ରହିବ ।

କମ ସମୟର ଏକ୍ସରସାଇଜ ପ୍ଲାନ:

୧ ଶିଡ଼ି ପାଖରେ ଛିଡ଼ା ହୋଇ କାନ୍ଥ ଆଡ଼କୁ ମୁହାଁଇ ଗୋଟିଏ ଗୋଡ଼ ଶିଡ଼ି ଓ ଗୋଟିଏ ଗୋଡ଼ ଚଟାଣରେ ରଖନ୍ତୁ । ଛାତି ସିଧା ଓ ପେଟ ଟାଣ କରି ଆଣ୍ଠୁକୁ ୪୫°ରୁ୯୦° ରେ ଭାଙ୍ଗି ଆଣ୍ଠୁ ଟେକି ବସିବା ଭଙ୍ଗୀରେ ଆସନ୍ତୁ । ଦେଖିବେ ଯେମିତି ଆଣ୍ଠୁ ପଦାଙ୍ଗୁଳିର ପଛେଇ ରହେ । ଏଥର ଛିଡ଼ା ହୋଇ ଗୋଡ଼ ସିଧା କରନ୍ତୁ । ତଳେ ଥିବା ଗୋଡ଼ ସିଧା ଭାବେ ଉଠାନ୍ତୁ । ଏଇ ଅବସ୍ଥାରେ ଡେଇଁବେ । ଏପରି ୧ମିନିଟ୍ ଲେଖାଁ ପ୍ରତି ଗୋଡ଼ରେ କରନ୍ତୁ ।

୨ ସୋଫା ପଛରେ ଛିଡ଼ା ହୋଇ ହାତ ଦୁଇଟି ପରସ୍ପର ଠାରୁ ଯଥେଷ୍ଟ ଦୂରତ୍ୱରେ ରଖି ପଛାନ୍ତୁ । ହାତ ସମ୍ପୂର୍ଣ୍ଣ ଭାବେ ଟାଣ ହୋଇଗଲେ ତଥା ପଦାଙ୍ଗୁଳି ତଳେ ଥିବା ହାଡ଼ ଉପରେ ଛିଡ଼ା ହେଲେ ଅଟକି ଯାଆନ୍ତୁ । ଦୁଇ ପାଦ ମଝିରେ ଦୁଇ କାନ୍ଧରୁ ଅଧିକ ଦୂରତ୍ୱ ବଜାୟ ରଖନ୍ତୁ । ଶରୀର ତୀର୍ଯ୍ୟକ ଥିଲେ ବିସିଧା ରହିବ । ଏଥର କହୁଣୀ ମୋଡ଼ି ଦେହର ଉପର ଅଂଶ ସୋଫା ପାଖକୁ ନିଅନ୍ତୁ । କହୁଣୀ ସିଧା କରି ଶରୀର ଉପରକୁ ନେଇ ଆସନ୍ତୁ ।

ବ୍ୟାୟାମଟି ୧ମିନଟ୍ କରନ୍ତୁ ।

୩ ଦୁଇ ପାଦ ମଝିରେ ଦୂରତ୍ୱ ରଖି ଛିଡ଼ା ହୁଅନ୍ତୁ । ଛାତି ସିଧା ଓ ପେଟ ଟାଣି ରଖି ଡାହାଣ ପାଦ ବଢ଼ାନ୍ତୁ । ଆଣ୍ଠୁ ଭାଙ୍ଗି ଉହୁଙ୍କି ପଡ଼ିବା ଭଳି ହୁଅନ୍ତୁ । ଡାହାଣ ଆଣ୍ଠୁ ଓ ଗୋଠି ସିଧା ରଖନ୍ତୁ । ଏଥର ଆଣ୍ଠୁ ସିଧା କରି ଛିଡ଼ା ହୁଅନ୍ତୁ । ଡାହାଣ ପାଦ ପଛକୁ ନନେଇ ବାମ ପାଦ ବଢ଼ାନ୍ତୁ । ବାମ ଆଣ୍ଠୁ ଉନିତମ୍ବ ଯାଏଁ ଉଠିଲେ ସେଇ ଅବସ୍ଥାରେ ୩ ଯାଏଁ ଗଣି ବାମ ପାଦ ଆଗକୁ ରଖନ୍ତୁ । ଏଥର ବାମ ଗୋଡ଼ ଆଗେଇ ବ୍ୟାୟାମଟି କରନ୍ତୁ । ଏଭଳି ୧ରୁ ୨ ମିନିଟ୍ ବ୍ୟାୟାମ କରି ଆଗେଇ ଚାଲନ୍ତୁ ।

ଖାଦ୍ୟ ବିଷୟରେ କିଛି କଥା :

ସଠିକ ଖାଦ୍ୟାଭ୍ୟାସ ଦ୍ୱାରା ଆପଣ ସୁସ୍ଥ ଓ ସୁନ୍ଦର ରହିବା ସାଙ୍ଗକୁ ସତେଜ ଓ କର୍ମଠ ରହନ୍ତି । ନିୟମିତ ଭାବେ ସଠିକ ପରିମାଣର ଖାଦ୍ୟ ଖାଉଥିବା ଲୋକେ ଦୀର୍ଘ ଓ ସୁସ୍ଥ ଜୀବନ ଲାଭ କରନ୍ତି । ବ୍ରେକଫାଷ୍ଟ ବା ଜଳଖିଆକୁ ଖାଦ୍ୟ ବିଶେଷଜ୍ଞମାନେ ଅଧିକ ଗୁରୁତ୍ୱ ଦିଅନ୍ତି । ଏହାକୁ ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ କୁହାଯାଏ । ଏଥିରୁ ଦିନସାରା କାମ କରିବାର ଶକ୍ତି ମିଳେ । ତେଣୁ ବ୍ରେକଫାଷ୍ଟ ବାଦ ଦେବା କଥା ଭାବିବେ ନାହିଁ । ଯଅ ଚୂନା, କର୍ଣ୍ଣ ଫ୍ଲେକ୍ସ ଭଳି ସିରିୟଲ୍ ଓ କଦଳୀ, ଷ୍ଟ୍ରବେରି ଭଳି ନାନା ଫଳ ଓ କ୍ଷୀର ଭଳ ବ୍ରେକଫାଷ୍ଟ । ଏଇ ଖାଦ୍ୟଗୁଡ଼ିକ କାର୍ବୋହାଇଡ୍ରେଟ୍, କ୍ୟାଲଶିୟମ, ତନ୍ତୁରେ ଭରା ଓ କମ ଚର୍ବିଯୁକ୍ତ । ତେବେ ଏଥିରେ ଯଥେଷ୍ଟ ପ୍ରୋଟିନ ନଥାଏ । ଅଧିକାଂଶ କ୍ଷେତ୍ରରେ ବ୍ରେକଫାଷ୍ଟରେ ପ୍ରୋଟିନ ଅଭାବ ରହେ । ସଠିକ କାମ ପାଇଁ ଲୋଡ଼ା ପର୍ଯ୍ୟାପ୍ତ ପ୍ରୋଟିନ । ବ୍ରେକଫାଷ୍ଟ ହେଉ ବା ଅନ୍ୟ ଭୋଜନ, ସବୁବେଳେ ବାଲନ୍ସଡ ଡାଏଟ୍ ପାଇଁ ଚେଷ୍ଟା କରନ୍ତୁ । ଖାଦ୍ୟରେ ପ୍ରୋଟିନ, କାର୍ବୋହାଇଡ୍ରେଟ୍, ଫ୍ୟାଟ୍ , ଭିଟାମିନ ଓ ମିନେରାଲ ଆଦି ସଠିକ ପରିମାଣରେ ଥିବା ଦରକାର । ଅନେକେ ପତଳା ରହିବା ପାଇଁ ଖାଦ୍ୟରୁ ଫ୍ୟାଟକୁ ସମ୍ପୂର୍ଣ୍ଣ ବାଦ ଦିଅନ୍ତି । ଏପରି କରିବା ଅନୁଚିତ । ଫ୍ୟାଟ୍‌ର ମଧ୍ୟ ଗୁରୁତ୍ୱ ରହିଛି । ଏହା ଏନର୍ଜି ଲେଭଲ୍ ବଜାୟ ରଖେ ଖାଦ୍ୟରେ ଚିକେନ ଓ ମାଛ ରଖନ୍ତୁ ଏଥିରେ ଫ୍ୟାଟ କମ ଥାଏତେଣୁ କ୍ୟାଲେରି ଓ କୋଲେଷ୍ଟ୍ରରଲ୍ ମଧ୍ୟ କମ । ତେବେ ମଟନ ନଖାଇବାର କୌଣସି କାରଣ ନାହିଁ । ଏଥିରେ ପ୍ରଚୁର ପ୍ରାଟିନ, ଆଇରନ, ଜିଙ୍କ ଓ କ୍ରିଏଟାଇନ ଥାଏ । ଡାକ୍ତରଙ୍କ ନିଷେଧ ନଥିଲେ ସପ୍ତାହକୁ ଥରେ ବା ଦୁଇ ଥିର ମଟନ ଖାଇ ପାରିବେ । କଦଳୀ, କମଳା, ଅଙ୍ଗୁର ଓ ଅନ୍ୟାନ୍ୟ ରସଯୁକ୍ତ ଫଳରେ ଭିଟିନ ସି ଓ ପୋଟାଶିୟମ ଅଧିକ ଥାଏ । ତେଣୁ ଫଳ ସହିତ ଫଳ ରସ ଦିନକୁ ଥରେ ଖାଦ୍ୟ ତାଲିକାରେ ରଖନ୍ତୁ । କାରଣ, ଫଳ ଓ ଫଳ ରସରେ କ୍ୟାଲୋରିର ମାତ୍ରା ଅଧିକ । ବିଶେଷଜ୍ଞଙ୍କ ପରାମର୍ଶ ନେଇ ପ୍ରତିଦିନ ଭିଟାମିନ ଇ କ୍ୟାପସୁଲ ଖାଆନ୍ତୁ । ଏହା ହୃଦରୋଗ ଓ କ୍ୟାନସରରୁ ରକ୍ଷା କରିବା ସହିତ ତ୍ୱଚା ତଥା କେଶକୁ ସୁନ୍ଦର ରଖେ ।

୩ଗୁଣ ବଢ଼ିବ ହୃଦ୍ ସମସ୍ୟା



୬୦ରୁ ଅଧିକ ବୟସର ବ୍ୟକ୍ତିଙ୍କ ହୃଦ୍ ସ୍ପନ୍ଦନ ବନ୍ଦ ଆଶଙ୍କା ୨୦୬୦ ବେଳକୁ ୩ଗୁଣ ହେବ । ଏକ ନୂଆ ଅଧ୍ୟୟନ ଏହା ଜାଣିବାକୁ ପାଇଛି । ବୟସ ବୃଦ୍ଧି ସହିତ ହୃଦସ୍ପନ୍ଦନ ବନ୍ଦ ବିଶ୍ୱସ୍ତରରେ ଏକ ପ୍ରମୁଖ ସମସ୍ୟା ହୋଇଛି । ବିଭିନ୍ନ ବିକାର ଯଥା--ହୃଦ-ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମେଦବୃଦ୍ଧି ଓ ମଧୁମେହ ଆଦି ହୃଦସ୍ପନ୍ଦନ ବନ୍ଦ ହେବାର କାରଣ ହୋଇପାରେ । ବୟସ ବଢ଼ିବା ସହିତ ଏଗୁଡ଼ିକ ବ୍ୟକ୍ତିକୁ ଆକ୍ରାନ୍ତ କରିଥାଏ । ପରିଣାମସ୍ୱରୂପ ଅଧିକାଂଶ ବୟସ୍କଙ୍କଠାରେ ହୃଦସ୍ପନ୍ଦନ ବନ୍ଦ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଆଇସଲ୍ୟାଣ୍ଡର ଲ୍ୟାଣ୍ଡସ୍ପିଟାଲି ୟୁନିଭର୍ସିଟି ହସ୍ପିଟାଲ ହୃଦବିଶେଷଜ୍ଞ ରଗନାର ଡାନିଏଲସାନ କହିଛନ୍ତି । ଜର୍ଣ୍ଣାଲ୍ ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜିରୋ ଏହି ଅଧ୍ୟନ ପ୍ରକାଶ ପାଇଛି । ଏହାର ତଥ୍ୟ ଅନୁସାରେ, ଗବେଷକମାନେ ୫,୭୦୬ଜଣ ବୟସ୍କଙ୍କୁ ଅଧ୍ୟନରେ ସାମିଲ କରି ସେମାନଙ୍କ ବର୍ତ୍ତମାନର ଓଜନ, ଲିଙ୍ଗ ଓ ବୟସ ଉପରେ ବିଶ୍ଳେଷଣ କରିଥିଲେ । ତଥ୍ୟଗୁଡ଼ିକର ମିଶ୍ରଣରୁ ବୟସ୍କଙ୍କ ହୃଦସ୍ପନ୍ଦନ ବନ୍ଦ ହେବାର ବ୍ୟାପକ ମୂଲ୍ୟାଙ୍କନ କରାଗଲା। ଏଥିସହ ଭବିଷ୍ୟତରେ ସେମାନଙ୍କର ଠାରେ ଏହି ଆଶଙ୍କା ବୃଦ୍ଧିପାଇବା ବିଷୟ ମଧ୍ୟ ଜଣାପଡ଼ିଲା । ଅଧ୍ୟନରେ ସାମିଲ ପ୍ରତିଯୋଗୀ ୬୬ରୁ ୯୮ ବର୍ଷ ବୟସର ଥିଲେ । ହାରାହାରି ବୟସ ୭୭ ବର୍ଷ ଥିବାବେଳେ ଏଥିରେ ୫୮ ପ୍ରତିଶତ ପୁରୁଷଥିଲେ ।

କେଶ ଅଧିକ ଝଡୁଥିଲେ

ବର୍ଷାଦିନେ ଉଭୟ ଯୁବତୀ ଓ ମହିଳାଙ୍କର ସାମାନ୍ୟ ଅଧିକ କେଶ ଝଡ଼ା ହୋଇଥାଏ । ଏଥିନିମନ୍ତେ ବ୍ୟସ୍ତବିବ୍ରତ ନ ହୋଇ ବରଂ ଘରୋଇ ଉପଚାର କରିବା ଉଚିତ୍ ।

- ଅଣ୍ଡାର ଧଳା ଅଂଶକୁ ଏକ ପାତ୍ରରେ ନେଇ ସେଥିରେ ୨ ଚାମଚ ଅଲିଭ ତେଲ ମିଶାଇବେ । ତାହାକୁ ପ୍ୟାକ୍ ଭଳି କେଶ ମୂଳରେ ଲଗାଇ ୨୦ ମିନିଟ୍ ପରେ ଶ୍ୟାମ୍ପୁ କରନ୍ତୁ । ସପ୍ତାହକୁ ୨ଥର ଏଇ ଉପାୟ କରିବାପରେ ଦେଖିବେ କେଶଝଡ଼ା ହ୍ରାସ ପାଇଛି ।
- ଗୋଟିଏ ପାତ୍ରରେ ମେଥିଦାନାକୁ ଭିଜାଇ ପୂରା ରାତି ରଖନ୍ତୁ । ସକାଳୁ ସେହି ପାଣିକୁ ଛାଣି ବାଲଟିଏ ପାଣିରେ ମିଶାଇ କେଶ ଧୁଅନ୍ତୁ । ଏଇ ପାଣି କେଶ ମୂଳକୁ ଶକ୍ତ କରିବା ସହ ଅକାଳପକ୍ୱତାରୁ ରକ୍ଷା କରେ ।
- ଦହିକୁ କେଶମୂଳରେ ଲଗାଇ ୧୫ ମିନିଟ୍ ଶ୍ୟାମ୍ପୁ କରିନେବେ । ଏହା ମଧ୍ୟ କେଶ ଝଡ଼ାରୁ ରୋକିବା ସହ କେଶର ଘନତ୍ୱ ବଢ଼ାଇଥାଏ ।
- ନଡ଼ିଆ ପାଣିକୁ ତୁଳାରେ ନେଇ କେଶମୂଳରେ ଲଗାଇ କିଛି ସମୟ ପରେ କେଶ ଧୂଅନ୍ତୁ । କେଶ ଝଡ଼ିବାର ରକ୍ଷା ପାଇବା ନିମନ୍ତେ ଏହା ଏକ ସର୍ବୋତ୍କୃଷ୍ଟ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୭ ନଭେମ୍ବର ୨୦୨୧, ବୁଧବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଭିନ୍ନରୂପୀ କଙ୍ଗନା...

ଆମ ଦେଶର ସ୍ୱାଧୀନତା ପ୍ରାପ୍ତିଠାରୁ ଆରମ୍ଭ କରି ଏଯାବତ୍ କିଛି ନା କିଛି ବିବାଦ ଛିଡ଼ା କରାଇବାରେ କେତେକ ବ୍ୟକ୍ତି ଓ ଶକ୍ତି ଛିଡ଼ା ହେବାବେଳେ ମନେହୁଏ ଯେ, ଏହିଭଳି ବଦଭ୍ୟାସ ସେମାନଙ୍କର ରୀତିମତ ଖୋଇ ହୋଇସାରିଛି । ଯେଉଁ ମନୀଷୀମାନେ ଇତିହାସ ରଚନା କରିଯାଇଛନ୍ତି, ସେମାନେ ଅପବ୍ୟାଖ୍ୟାକାରୀଙ୍କ କାର୍ଯ୍ୟ ପାଇଁ ସ୍ୱର୍ଗରେ ଥାଇ ନିଜ ଭାଗ୍ୟକୁ ଓ କର୍ମକୁ ନିନ୍ଦୁଥିବେ । ଏହା ଅପବ୍ୟାଖ୍ୟାକାରୀଙ୍କ ନିଜର ଦୋଷ କେବଳ ନୁହେଁ, ଯେଉଁ ଚିନ୍ତାଧାରା ବା ସ୍କୁଲ୍ ଅଫ୍ ଥଟ୍‌ର ପ୍ରତିନିଧିତ୍ୱ କରୁଛନ୍ତି, ତାହାର ରହିଥିବା ବିଶ୍ୱାସର ପ୍ରତିଫଳନ ବୋଲି ସମୀକ୍ଷକ ମହଲ କହୁଛନ୍ତି । ଏହା ସମ୍ପୃକ୍ତ ବ୍ୟକ୍ତି ବା ଅନୁଷ୍ଠାନ ପାଇଁ ସାମୟିକ ସନ୍ତୋଷର କାରଣ ହୋଇପାରେ, ହେଲେ ଦେଶ ବା ଜାତି ପାଇଁ କିଭଳି ଅବାଞ୍ଛିତ ପରିମାଣର କାରଣ ହୋଇପାରେ ତାହାର ରହିଛି ଭୂରି ଭୂରି ପ୍ରମାଣ । ଅତୀତରେ କିଭଳି ଇତିହାସ ଗ୍ରନ୍ଥରାଜିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ଗର୍ତ୍ତ ଖୋଳାଯାଇ ପୋତାଯାଇଥିଲା, ତାହା ଦେଶବାସୀ ଦେଖୁଛନ୍ତି । ଇତିହାସରେ ଯାହା ଅବାଞ୍ଛିତ ଆବର୍ଜନା ବୋଲି ବିବେଚନା କରାଯାଇଥିଲା, ସେହି କାଳଖଣ୍ଡରେ ତାହାକୁ ଗୁଡ଼ିଏ କ୍ୟାପ୍‌ସୁଲ ଆକାରରେ ରଖାଯାଇ ମାଟି ତଳେ ପୋତା ଯାଇଥିଲା । ତାହା ଉପରେ କିଛିସମୟ ପାଇଁ ଗୁରୁତର ବିବାଦ ଲାଗି ରହିଲା । ଭିନ୍ନମତବାଦୀ ଇତିହାସକାରମାନେ ପ୍ରକାଶ୍ୟରେ ଦେଇଥିବା ଟିପ୍‌ପଣୀ ମଧ୍ୟ ଦେଶ ବିଦେଶରେ ତର୍କ ପାଇଁ ବିନ୍ଦୁ ଖୋଜାଗଲା । କୌଣସି ପ୍ରସଙ୍ଗର ଭଲ-ଭେଲ ରହିଥିବା ଯେମିତି ସମ୍ଭବ, ସେମିତି ଅଯଥା ବିବାଦ ଛିଡ଼ା କରାଯିବାର ବାହାଦୂରୀ ନେବା ଅନେକଙ୍କର ରହିଥିବା ବି ଅସମ୍ଭବ ନୁହେଁ । ମାତ୍ର ସବୁଥିରେ ରହିଛି ସାର୍ବଜନୀନ ଓ ସର୍ବଜନଗୃହୀତ ସତ୍ୟ । ସେଥିରୁ ନିର୍ଯ୍ୟାସ ନେଇ ସାମୂହିକ ଭାବେ ବ୍ୟବସ୍ଥାକୁ ପରିଚାଳିତ କରାଯାଇଥାଏ । ସାଧାରଣ ଭାବେ ଗୃହୀତ ଧାରାକୁ ଯେଉଁମାନେ ଲଂଘନ କରି ଅଲଗା ରାସ୍ତାରେ ଚାଲିବାକୁ ଚାହାଁନ୍ତି, ସେମାନଙ୍କୁ ସାଧାରଣତଃ ଉପଲକ୍ଷ୍ୟ ଦେଇ କୁହାଯାଇଥାଏ 'କାଳୀ ଗାଈର ଭିନ୍ନ ଗୋଠ' । ବେଶୀ ଅତୀତକୁ ଗଲେ ଅନେକାନେକ ଦୃଷ୍ଟାନ୍ତ ମିଳିଯିବ । ସେହି ଧାରାରେ ଏବେସୁଦ୍ଧା କିଛି ବ୍ୟକ୍ତି ନିଜକୁ ସବ୍‌ଜାନ୍‌ତା ବୋଲାଇଥାନ୍ତି । କିନ୍ତୁ ସେମାନେ ଜାଣିପାରିନଥାନ୍ତି କି, ପ୍ରତି କାୟାର ଛାୟା ରହିଛି । ତାତ୍କାଳିକ ତଥାକଥିତ ବଢ଼ିମାକୁ ସନ୍ତୁଷ୍ଟ କରିବା ସକାଶେ ଯାହା କରାଯାଇଥାଏ, ତାହାର ଆଦୌ ଦୂରଗାମୀ ପ୍ରଭାବ ନଥାଏ । କିଛି ମାସ ହେଲା ଏଭଳି ଚରିତ୍ରରେ ଚିତ୍ରାଭିନେତ୍ରୀ କଙ୍ଗନା ରଣାଓ୍ୱତ୍ ଅବତୀର୍ଣ୍ଣ ହୋଇଥିବାର ଦେକାଯାଉଛି । ଲୋକପ୍ରିୟତାରେ ସେ ଏମିତି ଜଣେ ମଝିଲା ଦୂରର ଅଭିନେତ୍ରୀ ଭାବେ ଜଣାଶୁଣା । ବେଶୀ କିଛି ଫିଲ୍ମରେ ଅଭିନୟ କରିନଥିଲେ ସୁଦ୍ଧା ତାଙ୍କର ତାମିଲ ନେତ୍ରୀ ଜୟଲଲିତାଙ୍କ ଚରିତ୍ର ତଥା ରାଜନୈତିକ ଜୀବନକୁ ଉପଜୀବ୍ୟ କରି ନିର୍ମିତ 'ଲାଲାଇଭି' ହେଉ କିମ୍ବା ଝାନ୍‌ସି ରାଣୀ ଲକ୍ଷ୍ମୀ ବାଇଙ୍କ ଚରିତ୍ରରେ ଅଭିନୟ କଙ୍ଗନାଙ୍କୁ ଯଥେଷ୍ଟ ଲୋକପ୍ରିୟତା ଆଣିଦେଇଛି । 'ମଣିକର୍ଣ୍ଣିକା' ଛବି ପାଇଁ ଦର୍ଶକମାନଙ୍କଠାରୁ ତାଳି ପାଇଛନ୍ତି । ସେହି ଲୋକପ୍ରିୟତା ଆଧାରରେ ଏହି ୩୪ବର୍ଷୀୟାଙ୍କୁ ଭାରତ ସରକାର ଗତବର୍ଷ ପାଇଁ ସମ୍ମାନଜନକ 'ପଦ୍ମ' ପୁରସ୍କାର ଦେଇଛନ୍ତି । ତାହା କଙ୍ଗନା ରାଣାଓ୍ୱାତ୍‌ଙ୍କୁ ଯେତିକି ବେଶୀ ଉତ୍ସାହିତ କରିଦେଇନାହିଁ । ତାଙ୍କର ରାଜନୈତିକ ମହତ୍ତ୍ୱାକାଂକ୍ଷା କିଭଳି ଚିକ୍କଣ ଖମ୍ବରେ ମାଙ୍କଡ଼ ଚଢ଼ି-ଖସିଲା ଭଳି ଶିକ୍ଷା ଦେଇଛି, ତାହା ତାଙ୍କୁ କେତେକ ମହଲର ପରିହାସର ପାତ୍ର କରିସାରିଛି । ମାମଲାଟି ଏହିପରି । କଙ୍ଗନା ଏହା ଭିତରେ ଏକ ଟିଭି ସାକ୍ଷାତକାରରେ କହିଦେଇଛନ୍ତି: କଂଗ୍ରେସବାଲା ବିଦେଶୀ ଶାସକଙ୍କଠାରୁ ମାଗି ଆଣିଥିବା 'ଭିକ' ଭାରତର ସ୍ୱାଧୀନତାରେ ଗଣାଯାଏ ନାହିଁ । ୨୦୧୪ରେ ମୋଦି ଯେତେବେଳେ ପ୍ରଧାନମନ୍ତ୍ରୀ ହେଲେ ସେବେଠାରୁ ଭାରତ ସ୍ୱାଧୀନତା ପାଇଲା । ୧୮୫୭ରେ ହୋଇଥିବା ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବର୍ଣ୍ଣନା କରାଯାଉଥିବା ବେଳେ ୨୦୧୪ରେ ଭାରତ ଅସଲ ସ୍ୱାଧୀନତା ପାଇଲା ବୋଲି କହି କଙ୍ଗନା ବିବାଦର କେନ୍ଦ୍ରବିନ୍ଦୁ ସାଜି ସାରିଛନ୍ତି । ସୁଭାଷଚନ୍ଦ୍ର ବୋଷ, ରାଣୀ ଲକ୍ଷ୍ମୀବାଇ ଓ ବୀର ସଭରକରଙ୍କୁ ତାଙ୍କର ଆଦର୍ଶ ବୋଲି ସାକ୍ଷାତକାରରେ ଅଭିହିତ କରି କଙ୍ଗନା ସମସ୍ତଙ୍କୁ କହି ଚମକାଇ ଦେଇଛନ୍ତି ଯେ ୧୯୪୭ରେ ଭାରତ ସ୍ୱାଧୀନତା ପାଇଥିବା ତାଙ୍କୁ ମାଲୁମ ନାହିଁ । ସର୍ବସାଧାରଣରେ ପ୍ରଦର୍ଶିତ ବୟାନକୁ ଯେ କେହି ଦେଖିଥିବେ ବିବାଦୀୟ କହିବେ ଇ କହିବେ । ଆମ ପ୍ରିୟ ଜନ୍ମଭୂମିର ଗାରିମା କ୍ଷୁର୍ଣ୍ଣ କଲାଭଳି ମନ୍ତବ୍ୟ ଖାମଖିଆଲି କାମ କେବଳ ନୁହେଁ, ତାହା ଦେଶଦ୍ରୋହ ଅପରାଧରେ ଗଣାଯିବା ଦରକାର ବୋଲି ବହୁ ଚିନ୍ତାଶୀଳ ବ୍ୟକ୍ତି ମତ ଦେଇଛନ୍ତି । ଏହା ସହିତ ତାଙ୍କୁ ଦିଆଯାଇଥିବା 'ପଦ୍ମଶ୍ରୀ' ଉପାଧି ପ୍ରତ୍ୟାହାର କରିନିଆଯାଉ ବୋଲି ଦାବି ସହ ଦେଶଦ୍ରୋହ ଅପରାଧ ପାଇଁ ଜେଲ୍ ପଠାଯାଉ ବୋଲି ସ୍ୱର ଉଠାଯାଇଛି । କଂଗ୍ରେସ ନେତୃତ୍ୱରେ ପରିଚାଳିତ ସ୍ୱାଧୀନତା ଆନ୍ଦୋଳନକୁ ତିରସ୍କାର ସୁଲଭ ଭାଷାରେ ସମାଲୋଚନା କିଭଳି ଶାସକ ନେତାମାନେ ସବୁ କିଛି ଉପଭୋଗ କରି ଚୁପ୍ ରହିଯାଇଛନ୍ତି, ତାହା ଦେଶବାସୀଙ୍କୁ ବ୍ୟଥିତ କରୁଛି । ସ୍ୱାଧୀନତା ସଂଗ୍ରାମୀ କାଳୀନ ପୃଷ୍ଠଭୂମିକୁ ବିକୃତ କରି ଦେଖାଇବାର ଅଧିକାର କାହାରି ନାହିଁ । ଚିତ୍ରରେ ଅଭିନୟ କରିବା ଓ ଜାତୀୟ ଇତିହାସ ଉପରେ ନିଜକୁ ଜ୍ଞାନୀ ଭଳି ଟିପ୍‌ପଣୀ ଦେବା ଅଲଗା କଥା । ସୁତରାଂ ଏକେତ କଙ୍ଗନା ନିଃସର୍ତ୍ତରେ କ୍ଷମା ଯାଚନା କରିବେ, ପଦ୍ମଶ୍ରୀ ପ୍ରତ୍ୟାହାର କରିବା ସହ ସମୟାନ୍ତରରେ ତାଙ୍କୁ ବିବାଦୀୟ ସମୟରେ ଦିଆଯାଇଥିବା ସିକ୍ୟୁରିଟି ପ୍ରତ୍ୟାହାର କରାଯାଇ ଅପରାଧର ପ୍ରତିବିଧାନ କରାଯିବ । ଏହା ବିଭିନ୍ନ ସ୍ତରରେ ଉଚ୍ଚାରିତ ଦୃଢ଼ ସ୍ୱର ।

ସ୍ୱାଧୀନତା ସଂଗ୍ରାମୀ ଲାଲାଲଜପତ୍ ରାୟ

ମୀରା ବେଉରା

ଭାରତବର୍ଷର ଜାତୀୟ ସଂଗ୍ରାମରେ ଅହିଂସାକୁ ଅସ୍ତ୍ରକରି ନୁହେଁ କି ରକ୍ତପାତରେ ନୁହେଁ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ନିଜର ଅଦମ୍ୟ ସାହସ, ଦୃଢ଼ ସଂକଳ୍ପ, ଉତ୍ସାହ, ଆଜୀବନ ସଂଘର୍ଷକରି ନିର୍ଭୀକ ଭାବେ ଇଂରେଜ ସରକାରଙ୍କୁ ଦୃଢ଼ ବିରୋଧ କରିଥିଲେ ସେମାନଙ୍କ ମଧ୍ୟରେ ପଞ୍ଜାବ କେଶରୀ ଲାଲା ଲଜପତରାୟ ଥିଲେ ଅନ୍ୟତମ ସାଥୀ । ଏକାଧାରରେ ସେ ଥିଲେ ଜଣେ ବଳିଷ୍ଠ ଯୋଦ୍ଧା, ଦେଶପ୍ରେମୀ, ଶିକ୍ଷାବିତ୍, ବିଚାରକ, ବିପ୍ଳବୀ ଲେଖକ, ସୁବକ୍ତା, ଭାତର ପୁରାତନ ସଂସ୍କୃତି, ଇତିହାସ, ଲାଲା ଲଜପତ ରୟ ଜନ୍ମ ହୋଇଥିଲେ ଫିରୋଜପୁର ଜିଲ୍ଲାର ଦୋଡ଼ିକେ ଗ୍ରାମରେ ଜାନୁଆରୀ ମାସ ୨୮ ତାରିଖ ୧୮୬୫ ମସିହାରେ । ତାଙ୍କ ପିତା ଜଣେ ମୁନସୀ ରାଧାକ୍ରିଷ୍ଣନ ଜଣେ ସାଧାରଣ ଶିକ୍ଷକ ଥିଲେ । ମା' ଥିଲେ ଗୋଲାପଦେବୀ । ପିତାଙ୍କୁ ଗୁରୁଭାବେ ଗ୍ରହଣ କରି ଲାଲାଜୀ ତାଙ୍କରି ଆଦର୍ଶରେ ଦେଶପ୍ରେମ, ଦେଶ ସ୍ୱାଧୀନତା ପ୍ରତି ଆଗ୍ରହ ପ୍ରକାଶ କରି ସେହି ମହାନ ଚିନ୍ତାଧାରାର ମୂଳଦୁଆ ଅତି ପିଲାଟି ଦିନରୁ ପଡିଥିଲା । ଅତି ପିଲାଦିନରୁ ସେ ଦେଶପାଇଁ ନିଜର ଧନ, ମାନ, ଯଶ ଆଦି ବଳିଦେବାକୁ ଖୁବ୍ ଭଲ ପାଉଥିଲେ ।

ଜାତିରପିତା ମହାତ୍ମାଗନ୍ଧୀଙ୍କ ମତରେ ଲାଲାଲଜପତ୍ ରାୟ ନିଜେ ହିଁ ଗୋଟିଏ ଅନୁଷ୍ଠାନ ଥିଲେ । ତାଙ୍କ ବିନା କୌଣସି ଅନୁଷ୍ଠାନ, କାର୍ଯ୍ୟକ୍ରମ, ଶିକ୍ଷା ଯୋଜନା ଚିନ୍ତା କରାଯାଇ ପାରେନା । ଇଲାଟୀର ଦୁଇଜଣ ସ୍ୱାଧୀନତା ସଂଗ୍ରାମୀ ମାଜିନ୍ ଓ ଗାରିବଲ୍‌ଡିଙ୍କ ସ୍ୱାଧୀନତା ସଂଗ୍ରାମ ଚିନ୍ତାଧାରା ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ବାଲ୍ୟକାଳରୁ ପିତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଛୁଆଁ ଅଛୁଆଁ ଭେଦଭାବ ଏବଂ ଜାତିଭେଦ ପ୍ରତି ତାଙ୍କର ମନରେ ଘୃଣାଭାବ ଜାତ ହୋଇଥିଲା । ସ୍ୱାମୀଦୟାନନ୍ଦ ସରସ୍ୱତୀ ଓ ଆର୍ଯ୍ୟସମାଜ ଦ୍ୱାରା ସେ ଖୁବ୍ ପ୍ରଭାବିତ ହୋଇ ତାଙ୍କର ଜୀବନାଦର୍ଶକୁ ମାନି ନେଇଥିଲେ । ପିଲାଟି ଦିନରୁ ଇଂରେଜ ସରକାରଙ୍କ ସ୍ୱାଧିନତା ସଂଗ୍ରାମ ପ୍ରତି ଅହେତୁକ ଆଗ୍ରହ ଥିବାହେବୁ ଇଂରେଜ ସରକାରଙ୍କୁ ପୁରାପୁରୀ ଦୃଢ଼ ପ୍ରତିରୋଧ କରିଥିଲେ ଲାଲାଜୀ । ଲାହୋର ସରକାରୀ କଲେଜର ଛାତ୍ର ଥିବା ସମୟରେ ଆର୍ଯ୍ୟସମାଜ ସହ ଲାଲାଜୀ ଜଡ଼ିତ ଥିଲେ । ସେ ଯଦିଓ ସବୁବେଳେ ଜାତିବାଦ, ଅସ୍ପୃଶ୍ୟତା, ଅନ୍ଧବିଶ୍ୱାସର ଘୋର ବିରୋଧି ଥିଲେ, କିନ୍ତୁ ବିଧବା ପୂନର୍ବିବାହର ବହୁତ ସମର୍ଥକ ଥିଲେ । ସେ ହରିଜନମାନଙ୍କୁ ଖୁବ୍ ଭଲପାଉଥିଲେ ସେଥିପାଇଁ ୧୯୧୨ ମସିହାରେ ହରିଜନମାନଙ୍କ ପାଇଁ ଏକ ଶିକ୍ଷା ସଂସ୍ଥା ସ୍ଥାପନ କରିଥିଲେ । ଏପରିକି ନିଜ ଜମାପୁଞ୍ଜି ରୁ ୪୦,୦୦୦ ଟଙ୍କା ସେ ବିଭିନ୍ନ ଅନୁଷ୍ଠାନ ପାଇଁ ଦାନ କରିଥିଲେ । ହରିଜନଙ୍କ ସହ ମିଶି ଖାଦ୍ୟ ଖାଉଥିଲେ ମଧ୍ୟ ଲାଲାଜୀ । ଯଦିଓ ଜୀବିକା ତାଙ୍କର ଆଇନ ବ୍ୟବସାୟ ଥିଲା କିନ୍ତୁ ହୃଦୟରେ ସେ ଥିଲେ ଜଣେ ଶିକ୍ଷାବିତ୍ । ସେ ଭାରତରେ ଇଂରେଜ ଶିକ୍ଷାର ପ୍ରଚଳନ ସପକ୍ଷରେ ଥିଲେ । ଦେଶରେ ମହିଳାମାନଙ୍କ ବିକାଶ ପାଇଁ ସେ ସର୍ବଦା ଜାଗ୍ରତ ଥିଲେ । ୧୮୯୭ ମସିହାରେ ଉତ୍ତର ଭାରତରେ ଯେତେବେଳେ ଭୀଷଣ ଦୁର୍ଭିକ୍ଷ ପଡ଼ି ମଧ୍ୟଭାରତକୁ ବ୍ୟାପିଗଲା ଲାଲାଜୀ ସେମାନଙ୍କୁ ସଂପୂର୍ଣ୍ଣ ସହଯୋଗ କରି ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଦୁର୍ଭିକ୍ଷ ପରେ ପୁଣି ପଞ୍ଜାବରେ ଭୂମିକମ୍ପ ହେଲା । ଲାଲାଜୀ ନିଜେ ଘଟଣା ସ୍ଥଳକୁ ଯାଇ ମାଟି ଖୋଳି ଜୀବିତ ଲୋକଙ୍କୁ ଉଦ୍ଧାର କରି ସେମାନଙ୍କୁ ଥଇଥାନ କରିଥିଲେ । ସେ ୧୯୨୧ରେ ସରଭେଣ୍ଟ ଅଫ୍ ପିପୁଲ ସୋସାଇଟିର ସ୍ଥାପନା କରିଥିଲେ ଯାହାର ମୂଳଲକ୍ଷ୍ୟ ଥିଲା ଲୋକମାନଙ୍କୁ କିପରି ଅଧିକ ସେବା ଯୋଗାଇ ଦିଆଯିବ । ଏହି ଅନୁଷ୍ଠାନ ଆଜି ମଧ୍ୟ ସମଗ୍ର ଦେଶରେ ସେବାକାର୍ଯ୍ୟ ଜାରିରଖିଛି । ଭାରତୀୟ ଜାତୀୟ କଂଗ୍ରେସ ୧୮୮୫ ମସିହାରେ ସ୍ଥାପନ ହେଲା । ସେ ମାତ୍ର ୨୩ବର୍ଷ ବୟସରେ ଏଥିରେ ଯୋଗଦେଇ ୪୦ବର୍ଷ ପର୍ଯ୍ୟନ୍ତ ଏହି ଜାତୀୟ ଦଳପାଇଁ କାର୍ଯ୍ୟ କରିଥିଲେ ।

କଂଗ୍ରେସରେ ରହି ସେ ଜନତାଙ୍କ ମୂଳ ସମସ୍ୟା, ଦାରିଦ୍ର୍ୟତା, ନିରକ୍ଷରତା ଦିଗକୁ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ତାଙ୍କର ଅଗାଧ ବିଶ୍ୱାସ, ଆସ୍ଥା ଏବଂ ଅଗ୍ନିବର୍ଷୀ ଭାଷଣ ଯୋଗୁ ତାଙ୍କୁ ପଞ୍ଜାବ କେଶରୀ ଉପାଧି ଦିଆଗଲା । ଯେତେବେଳେ ବ୍ରିଟିଶ ସରକାର ମହାରାଣୀ ଭିକ୍ଟୋରିଆଙ୍କ ହୀରକଜୟନ୍ତୀ ଅବସରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ଦେଲେ । ଲାଲାଜୀ କିନ୍ତୁ ସେହି ଧନକୁ ପଞ୍ଜାବର ଅନାଥ ଶିଶୁଙ୍କ ଲାଳନପାଳନ ପାଇଁ ଖର୍ଚ୍ଚ କରିଥିଲେ ଏବଂ ତାହା ରାଣୀଙ୍କ ପ୍ରତି ଉତ୍ତମ ସ୍ମାରକ ହେବ ବୋଲି କହିଥିଲେ । ସରକାର ମଧ୍ୟ ବିରୋଧ କରିନଥିଲେ । ବାରମ୍ବାର ଶକ୍ତିଶାଳୀ ବ୍ରିଟିଶ ସରକାରଙ୍କୁ ଲାଲାଜୀ ବିରୋଧ କରି ନିଜର ସାହସିକତାର ପରିଚୟ ଦେଇଥିଲେ । ବାଲ ଗଙ୍ଗାଧର ତିଲକଙ୍କ ଜାତୀୟତାରେ ପ୍ରଭାବିତ ହୋଇ ତାଙ୍କ ଜାତୀୟତା ଭାବନା ଆହୁରି ପ୍ରଚଣ୍ଡ ହୋଇଥିଲା । "ସ୍ୱରାଜ ମୋର ଜନ୍ମ ସିଦ୍ଧ ଅଧିକାର ଏହାକୁ ମୁଁ ହାସଲ କରିବି" ଏହି ଭକ୍ତିରେ ଅନୁପ୍ରାଣିତ ହୋଇ ସେ ଗୋଖେଲ୍‌ଙ୍କ ନୀତିକୁ ପ୍ରତ୍ୟାଖ୍ୟାନ କରି ତିଲକଙ୍କ ନୀତି ଅନୁସରଣ କରିଥିଲେ । ସେ ହିନ୍ଦୁ ଓ ମୁସଲିମ୍ ଏକତାର ସମର୍ଥକ ଥିଲେ । ଯଦିଓ ଗାନ୍ଧିଜୀଙ୍କୁ ସମ୍ମାନ ଦେଉଥିଲେ ଲାଲାଜୀ କିନ୍ତୁ ତାଙ୍କ ନୀତି ସହ ଏକମତ ନଥିଲେ । ଲାଲାଜୀ କହୁଥିଲେ ଯଦି ସ୍ୱାଧୀନତା ଅହିଂସା ଦ୍ୱାରା ନ ମିଳେ ତେବେ ବଳ ପ୍ରୟୋଗ ଦ୍ୱାରା ଏହି କାମ ହାସଲ କରିବା ଉଚିତ୍ । ଗୋପାଳକୃଷ୍ଣ ଗୋଖେଲ୍ ଲାଲାଜୀଙ୍କର ରାଜନୈତିକ ଗରୁଭାବେ ତାଙ୍କୁ ସର୍ବଦା ପ୍ରେରଣା ଦେଉଥିଲେ । ଯଦିଓ ବ୍ରିଟିଶ ସରକାର ଅନେକ ବାର ଲାଲାଜୀଙ୍କ ଉପରେ ରାଜଦ୍ରୋହର ଅଭିଯୋଗ କରିଥିଲେ କିନ୍ତୁ ସେ ଅନେକବାର ବିଫଳ ହୋଇଥିଲେ । ୧୯୦୭ରେ ଲାଲାଜୀ ଗିରଫ ହୋଇ ଜେଲ୍ ଗଲେ । ତାଙ୍କୁ କାହାସହ ମିଶିବାକୁ କଥାହେବାକୁ ସଂପୂର୍ଣ୍ଣ ବାରଣ ଥିଲା । ଯେଉଁ ଭଣ୍ଡାରୀ ତାଙ୍କୁ ଦେଖା କରିବାକୁ ଆସୁଥିଲା, ସେ ସମ୍ବାଦ ପଢ଼ିକରି ଆସି ତାଙ୍କୁ ଶୁଣାଉଥିଲା । ଆଉ ଲାଲାଜୀଙ୍କ ପାଇଁ ପାଣି ଆଣୁଥିବା ଲୋକଟି ମାଠିଆ ମୁହଁରେ ସମ୍ବାଦପତ୍ର ଲୁଚାଇ ଆଣୁଥିଲା । ସେ ବେଦ, ଉପନିଷଦ, ଗୀତାଦର୍ଶନ ଆଦି ସବୁ ପ୍ରାଚୀନ ସଂସ୍କୃତି ଧର୍ମ ସମ୍ବନ୍ଧୀୟ ପୁସ୍ତକ ପଢୁଥିଲେ । ୧୯୧୪ ମସିହାରେ କଂଗ୍ରେସ ପକ୍ଷରୁ ସେ ଇଂଲଣ୍ଡ ଯାଇଥିଲେ । ଅନେକ ଦେଶ ସେ ବୁଲିଥିଲେ । ଜାପାନ, ଆମେରିକା ଆଦି ଅନେକ ବିଶ୍ୱବିଦ୍ୟାଳୟରେ ସେ ଉଦ୍‌ବୋଧନ ଦେଇଥିଲେ । ୧୯୧୫ରେ ସେ ଆମେରିକାରେ ଆଶ୍ରୟ ନେଇ ସେଠାକାର ଭାରତୀୟମାନଙ୍କୁ ନେଇ "ହୋମରୁଲ ଲିଗ୍ ଅଫ୍ ଆମେରିକା" ସ୍ଥାପନ କରିଥିଲେ । ୧୯୧୭ ମସିହା ଜାନୁଆରୀ ମାସରେ ୟଙ୍ଗ ଇଣ୍ଡିଆ ନାମକ ଏକ ମାସିକ ପତ୍ରିକା ପ୍ରକାଶିତ କରିଥିଲେ । ୧୯୧୯ରେ ତାଙ୍କର ଆଉ ଗୋଟିଏ ପୁସ୍ତକ "ଦି ପଲଟିକାଲ୍ ଫ୍ୟୁଚର ଅଫ୍ ଇଣ୍ଡିଆ"ର ପ୍ରକାଶନ କରିଥିଲେ । ଏଥିରେ ମଣ୍ଟେଗୁ ଚେମନସ୍‌ଫୋର୍ଡଙ୍କ ଶାସନ ସଂସ୍କାରକୁ ସମାଲୋଚନା କରାଯାଇଥିଲା । ରାଓଲାଟ୍ ଆଇନକୁ ବିରୋଧ କରିଥିବାରୁ ୧୩ ଏପ୍ରିଲ୍ ୧୯୧୯ରେ ଜାଲିଓ୍ୱାନାବାଗ୍ ହତ୍ୟାକାଣ୍ଡ ଘଟିଥିଲା । ଏହି ହତ୍ୟାକାଣ୍ଡ ଲାଲାଜୀଙ୍କୁ ଖୁବ୍ ମର୍ମାହତ କରିଥିଲା । ଭାରତ ଆସିବାକୁ ଲାଲାଜୀ ଚାହୁଁଥିଲେ ମଧ୍ୟ ତାଙ୍କୁ ଆସିବାକୁ ଜାହାଜରେ ସ୍ଥାନ ଦିଆଯାଇ ନଥିଲା । ତେଣୁ ସେ ଏକ ମର୍ମସ୍ପର୍ଶୀ ବାଣୀ ଭାରତୀୟ ମାନଙ୍କୁ ପଠାଇଥିଲେ । ଲାଲାଜୀ ୧୯୨୦ ମସିହାରେ ଫେବୃଆରୀ ମାସରେ ଭାରତ ଆସି ପାରିନଥିଲେ । ସେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଓ ମୋତିଲାଲ ନେହେରୁଙ୍କ ଗଢ଼ାହୋଇଥିବା ସ୍ୱରାଜ ଦଳରେ ୧୯୨୬ରେ ଯୋଗ ଦେଇଥିଲେ । ୧୯୨୮ ମସିହାରେ ସାଇମନ୍ କମିଶନ୍‌କୁ ଭାରତ ଛାଡ଼ି ଫେରିଯାଅ ବୋଲି ଏହାର ପ୍ରତିବାଦରେ ଯେଉଁ ପ୍ରତିଧ୍ୱନୀ ଓ ହରତାଳ ହୋଇଥିଲା । ସେଥିରେ ଲାଲାଜୀ ମୁଖ୍ୟ ନେତୃତ୍ୱ ନେଇଥିଲେ । ଏଥିପାଇଁ ମଧ୍ୟ ଲାଲାଜୀଙ୍କୁ ଖୁବ୍ ପ୍ରହାର ଖାଇବାକୁ ପଡ଼ିଥିଲା । ଏହାର ଦୃଢ଼ ପ୍ରତିବାଦରେ ଲାଲାଜୀ କହିଥିଲେ- "ସେମାନଙ୍କ ଦ୍ୱାରା ଆମ ଉପରେ ହୋଇଥିବା ପ୍ରତ୍ୟେକଟି ପ୍ରହାର ତାଙ୍କ ସାମ୍ରାଜ୍ୟରେ କଫିନ୍ ଉପରେ ଗୋଟିଏ ଗୋଟିଏ କଣ୍ଟା ସଦୃଶ" ଲାଲାଜୀ ନେତାଜୀ ସୁଭାଷଚନ୍ଦ୍ର ବୋଷ ଓ ଜବାହାରଲାଲ୍ ନେହେରୁଙ୍କ ଚରିତ୍ର ଓ ବିଶ୍ୱସନୀୟତାକୁ ଓ ବିଦ୍ୱାନତାକୁ ଖୁବ୍ ସମ୍ମାନ କରୁଥିଲେ । ଲାଲାଜୀ "ଏ ହିଷ୍ଟ୍ରି ଅଫ୍ ଇଣ୍ଡିଆ" ମହାରାଜା ଅଶୋକ ଇତ୍ୟାଦି ପୁସ୍ତକ ରଚନା ସହ ୟଙ୍ଗ୍ ଇଣ୍ଡିଆ ଏବଂ ବନ୍ଦେ ମାତରଂ ପରି କେତେକ ପତ୍ରିକାର ପ୍ରତିଷ୍ଠା ଓ ସଂପାଦନା ମଧ୍ୟ କରୁଥିଲେ । ସେ ନିର୍ଭୀକ ଭାବେ ସମାଚାର ପ୍ରତିକା ମଧ୍ୟ ଲେଖୁଥିଲେ । ଯଦିଓ ସେ ରାଧା ଦେବୀଙ୍କୁ ବିବାହ କରିଥିଲେ କିନ୍ତୁ ପରିବାର ପ୍ରତି ବିଶେଷ ଦୃଷ୍ଟି ନ ଦେଇ ନିଜର ସାରା ସମୟ, ଶକ୍ତି ସାଧନ ଦେଶସେବାରେ ଦେଇଥିଲେ । ସେ ୧୭ ନଭେମ୍ବର ୧୯୨୯ ମସିହାରେ ମହାଯାତ୍ରା କଲେ ସତ ମାତ୍ର ତାଙ୍କର ତୀବ୍ର ଇଚ୍ଛାଶକ୍ତି ଓ ଅଦମ୍ୟ ସାହସ, ଦୃଢ଼ ସଂକଳ୍ପ ତ୍ୟାଗ, ତୀତିକ୍ଷାର କାହାଣୀ ଆଜିର ଯୁବ ସମାଜକୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ । ସେ ଭାରତର ବହୁ ହିନ୍ଦୁ ଓ ମୁସଲମାନ୍ ମାନଙ୍କୁ ଏକାଠି କରି ପ୍ରାଚୀନ ହିନ୍ଦୁ ସଂସ୍କୃତିକୁ ଦୃଢ଼ ସମର୍ଥନ କରି ନିଜର ବହୁମୂଖୀ ପ୍ରତିଭାର ପରିଚୟ ଦେଇଥିଲେ । ସେ ଆଜି ମଧ୍ୟ ପଞ୍ଜାବ କେଶରୀ ହୋଇ ଲୋକଙ୍କ ପାଇଁ ଯୋଗଜନ୍ମା ଆଜୀବନ ସ୍ୱାଧୀନତା ସଂଗ୍ରାମୀ ରୂପେ ସ୍ମରଣୀୟ ହୋଇ ରହିଛନ୍ତି ।

❤ ରଘୁନାଥଜିଉ ମହାବିଦ୍ୟାଳୟ, ଦେଉଳସାହି, କଟକ।
ମୋ-୯୮୫୩୩୫୦୩୮୪

ସଭ୍ୟ ସମାଜ ଓ ଆତଙ୍କର ଅତିବାଦ

ସମ୍ପାଦକୀୟ

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ବୁଧବାର, ନଭେମ୍ବର ୧୭, ୨୦୨୧

ସାଲିସ୍‌ବିହୀନ ଜନନେତା ହରିଶ୍‌ଚନ୍ଦ୍ର ବକ୍ସିପାତ୍ର

ରବି ରଥ

ଜଣେ ସାଲିସ୍‌ବିହୀନ ସ୍ୱାଭିମାନୀ ଦରଦୀ ତଥା ସ୍ୱଷ୍ଟବାଦିତାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଜନନେତା ହରିଶ୍‌ଚନ୍ଦ୍ର ବକ୍ସିପାତ୍ର ଓଡ଼ିଶାବାସୀଙ୍କ ହୃଦୟ ଜିଣିପାରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସେ ପ୍ରାଣଭରି ଭଲ ପାଉଥିଲେ । ୧୯୫୧ ମସିହାରେ ଅବିଭକ୍ତ ଗଂଜାମ ଜିଲ୍ଲାର ଐତିହାସିକ ସହର ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ତାଙ୍କର କଲେଜ ଜୀବନ ଆରମ୍ଭ ହୋଇଥିଲା । ତା'ର ପର ବର୍ଷ ଅର୍ଥାତ୍ ୧୯୫୨ ମସିହାରେ ନିଜର ସାଂଗଠନିକ ଦକ୍ଷତା ବଳରେ କଲେଜ ଛାତ୍ରସଂସଦ ସଭାପତି ନିର୍ବାଚିତ ହେଲେ । ଯୁବକ ଓ ଛାତ୍ରମାନେ ହିଁ ସମାଜରେ ପରିବର୍ତ୍ତନ ଆଣିପାରିବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା । ତେଣୁ ସେ ସବୁବେଳେ ଛାତ୍ର ଓ ଯୁବ ସମାଜକୁ ଆନ୍ତରିକ ଭାବେ ଭଲ ପାଉଥିଲେ । ମୂଲ୍ୟବୋଧଭିତ୍ତିକ ରାଜନୀତିକୁ ସେ ଜୀବନସାରା ଆଦରି ନେଇଥିଲେ । ସ୍ୱଷ୍ଟବାଦିତା ଥିଲା ତାଙ୍କର ଜୀବନର ସବୁଠାରୁ ବଡ଼ ପରିଚୟ । ଆଦିବାସୀ ବହୁଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସେ ଜନ୍ମଗ୍ରହଣ କରିଥିଲେ । ସେହି ଅଞ୍ଚଳରେ ଓଡ଼ିଆ ଭାଷା ପ୍ରତି ଚରମ ଅବହେଳାକୁ ସେ ବରଦାସ୍ତ କରିପାରି ନଥିଲେ । ସୁତରାଂ ଓଡ଼ିଆ ଜାତୀୟବାଦୀ ସଂଗଠନ ଉତ୍କଳ ସମ୍ମିଳନୀର ନେତୃତ୍ୱ ଜରିଆରେ ସେ ଦଳମତ ନିର୍ବିଶେଷରେ ଓଡ଼ିଆମାନଙ୍କୁ ସମ୍ମିଳିତ କରାଉଥିଲେ । ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ସେ ଛାତ୍ର ଓ ଯୁବଗୋଷ୍ଠୀକୁ ପ୍ରେରଣାଦାୟକ ଅଭିଭାଷଣ ମାଧ୍ୟମରେ ଓଡ଼ିଆ ଭାଷାର ସୁରକ୍ଷା ପ୍ରଦାନ ସହ ଓଡ଼ିଶାକୁ ଆଗେଇ ନେବାପାଇଁ ବରାବର ପରାମର୍ଶ ଦେଉଥିଲେ । ବକ୍ସିବାବୁ କଟକ ରେଭେନ୍‌ସା କଲେଜରେ ସ୍ନାତକୋତ୍ତର (ଇତିହାସ) ପଢ଼ିଲେ । ସ୍ନାତକୋତ୍ତର ଶ୍ରେଣୀର ଦ୍ୱିତୀୟ ବର୍ଷ ଅର୍ଥାତ୍ ୧୯୫୫ ମସିହାରେ ସେ ରେଭେନ୍‌ସା କଲେଜ ଛାତ୍ର ୟୁନିଅନ୍‌ର ସଭାପତି ନିର୍ବାଚିତ ହୋଇଥିଲେ । ଏହିଠାରୁ ତାଙ୍କର ରାଜନୈତିକ କ୍ୟାରିୟର୍‌ର ଲମ୍ବା ଯାତ୍ରା ଆରମ୍ଭ ହେଲା । ସେହି ସମୟରେ ସୀମା ପୁନର୍ଗଠନ କମିଟିର ଓଡ଼ିଶା ପ୍ରତି ଘୋର ଅନ୍ୟାୟ ବିରୁଦ୍ଧରେ ରେଭେନ୍‌ସା କଲେଜ ଛାତ୍ରମାନଙ୍କୁ ନେଇ ସେ କଟକ ରେଡ଼ିଓ ଷ୍ଟେସନ୍ ନିକଟରେ ବିରାଟ ବିକ୍ଷୋଭ ସଭାର ଅୟୋଜନ କରିଥିଲେ । ସେଠାରେ ପୋଲିସର ଗୁଳିଚାଳନା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଲା । ସେହି ଘଟଣା ପରେ ଓଡ଼ିଶାର ବିଭିନ୍ନ କଲେଜରେ ଛାତ୍ର ଧର୍ମଘଟ ସହ ପ୍ରତିବାଦ ସଭା ଆରମ୍ଭ ହୋଇଯାଇଥିଲା । ଏହାର ନେତୃତ୍ୱ ନେଇଥିଲେ ଛାତ୍ରନେତା ହରିଶ୍‌ଚନ୍ଦ୍ର । ସେତେବେଳେ କଟକ ମ୍ୟୁନିସିପାଲଟି ପଡ଼ିଆରେ ଆୟୋଜିତ ବିକ୍ଷୋଭ ସଭାରେ ହରିଶ୍‌ଚନ୍ଦ୍ର ବାବୁ ଯେଉଁଭଳି ଭାଷଣ ଦେଇଥିଲେ ତାହା ସେତେବେଳର ଛାତ୍ରମାନଙ୍କୁ ଖୁବ୍ ଉଦ୍‌ବୁଦ୍ଧ କରିଥିଲା । ବକ୍ସିବାବୁଙ୍କୁ ପୋଲିସ ଗିରଫ କରିନେଲା କିନ୍ତୁ କଟକରୁ ଆରମ୍ଭ ହୋଇଥିବା ସେହି ସୀମା ଆନ୍ଦୋଳନ ସାରା ଓଡ଼ିଶାକୁ ବ୍ୟାପି ଯାଇଥିଲା । ତେବେ ବିହାରର ଟାଣୁଆ ନେତାମାନଙ୍କ ଯୋଗୁଁ ଶେଷରେ ଓଡ଼ିଶାରୁ ଷଢ଼େଇକଳା, ଖରସୁଆଁ ଆଦି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିହାରକୁ ଚାଲିଗଲା ।

ଛାତ୍ରନେତା ହରିଶ୍‌ଚନ୍ଦ୍ର ବାବୁ ପରବର୍ତ୍ତୀ ସମୟରେ ପ୍ରତ୍ୟକ୍ଷ ରାଜନୀତିରେ ଯୋଗ ଦେଲେ । ବିଧାୟକ ଭାବେ ନିର୍ବାଚିତ ହୋଇ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଲେ । ସେ ଥିଲେ ଜଣେ ସ୍ୱଷ୍ଟବାଦୀ, ନିଷ୍କପଟ ଜନନେତା । ତେଣୁ ଗୋଡ଼ାଣିଆ କପଟ ରାଜନୀତିକୁ ସେ ଆଦୌ ପସନ୍ଦ କରୁନଥିଲେ । ସେ ସ୍ୱଚ୍ଛଳ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ଗରିବର ହୃଦୟକୁ ଭଲଭାବରେ ଚିହ୍ନି ପାରିଥିଲେ । କୋରାପୁଟର ଗରିବ ଆଦିବାସୀ, ହରିଜନଙ୍କ ଜୀବନରେ ନୂଆ ଆଶା ଓ ସ୍ୱପ୍ନ ଭରିଦେବାରେ ସେ ଥିଲେ ଅଗ୍ରଗଣ୍ୟ ନେତା । ସମାଜରେ ଅର୍ଥନୈତିକ ସମାନତା ଆଣିବା ପାଇଁ ସେ ସବୁବେଳେ ଶୋଷଣ ବିହୀନ ସମାଜର ସ୍ୱପ୍ନ ଦେଖୁଥିଲେ । ସେହି କାରଣରୁ ସେ ଗଠନ କରିଥିଲେ 'ରୟତ କୁଲୀ ସଂଘ' ଓ 'ଚାଷୀ ସଂଘ' ଭଳି ଅଗ୍ରଣୀ ସଂଗଠନ । ଓଡ଼ିଶାର ବଣପାହାଡ଼ ଘେରା କୋରାପୁଟ ଜିଲ୍ଲାରୁ ଆସି କଟକ ଯାଏଁ ରେଭେନ୍‌ସା କଲେଜ ଛାତ୍ରସଂସଦ ସଭାପତି ପଦ ମଣ୍ଡନ ଏବଂ କଟକ ପୌର ନିର୍ବାଚନରେ କାଉନ୍‌ସିଲର ନିର୍ବାଚିତ ହୋଇ ହରିଶ୍‌ଚନ୍ଦ୍ର ବାବୁ ଜଣେ ସଫଳ ନେତା ହେବାର ସୂଚନା ଦେଇଥିଲେ । ନିଜର ସ୍ୱଷ୍ଟବାଦିତା ଗୁଣ ଯୋଗୁଁ ସେ ରାଜନୈତିକ ଜୀବନରେ ବହୁ ଝଡ଼ଝଞ୍ଝାର ସମ୍ମୁଖୀନ ହୋଇଥିଲେ । ସାଲିସବିହୀନ ଓ ସ୍ୱାଭିମାନୀ ଜୀବନାଦର୍ଶ ହିଁ ତାଙ୍କୁ ଓଡ଼ିଶାର ଅନ୍ୟତମ ତୁଙ୍ଗ ନେତା ଭାବରେ ପ୍ରତିଷ୍ଠିତ କରାଇ ପାରିଥିଲା । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ସେ ଛାତ୍ର ଜୀବନରୁ ପ୍ରତିଭାବାନ ବ୍ୟକ୍ତି ଭାବେ ପରିଚିତ ଥିଲେ । ସେ ଏକାଧାରରେ ଜଣେ ସୁବକ୍ତା, ସୁସଂଗଠକ, ରାଜନେତା, ବିଧାୟକ, ମନ୍ତ୍ରୀ, ଲେଖକ ଓ ସମ୍ପାଦକ ଭାବେ ପ୍ରତିଷ୍ଠା ପାଇଥିଲେ । ଜିଲ୍ଲାପ୍ରେମ, ଦେଶପ୍ରେମ, ଜାତିପ୍ରେମ, ଭାଷାପ୍ରେମ ତାଙ୍କର ଆଦର୍ଶ ଥିଲା । ରାୟଗଡ଼ା ସ୍କୁଲରୁ ପ୍ରାଥମିକ ଶିକ୍ଷା, ପାରଳାଖେମୁଣ୍ଡିରେ କଲେଜ ଶିକ୍ଷା, ରେଭେନ୍‌ସା ମହାବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା, ମଧୁସୂଦନ ଆଇନ କଲେଜରୁ ଆଇନ ଶିକ୍ଷା ହାସଲ କରି ସେ ଉଚ୍ଚଶିକ୍ଷାର ଅଧିକାରୀ ହୋଇଥିଲେ । ସେ ଗରିବଙ୍କ ଓକିଲ ଭାବେ ବେଶ୍ ଜଣାଶୁଣା ଥିଲେ । ମଧୁବାବୁଙ୍କ ଆଦର୍ଶକୁ ଗ୍ରହଣ କରିଥିବା ହରିଶ୍‌ଚନ୍ଦ୍ର ବାବୁ ମକଦ୍ଦମା ଲଢ଼ିବା ପାଇଁ କାହାଠୁ କେବେହେଲେ ଅର୍ଥ ଦାବି କରିନଥିଲେ । ଜଣେ ଓଡ଼ିଆ ଭାବେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ଉନ୍ନତି ପାଇଁ ସାରା ଜୀବନ ସେ ସଂଗ୍ରାମ ଚଳାଇଥିଲେ । ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ ଓ ପରେ ସେ ଏହାର ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ । ଛାତ୍ରଜୀବନରୁ ସାମ୍ୟବାଦୀ ଚିନ୍ତାଧାରା ପ୍ରତି ଆକୃଷ୍ଟ ହୋଇ ଶ୍ରମିକ ନେତା ଭାବେ କାର୍ଯ୍ୟ କରିଥିଲେ । ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ବକ୍ତା । ତେଣୁ ତାଙ୍କ ଭାଷଣ ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ଓଡ଼ିଶାର ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତି ଆକୃଷ୍ଟ ହୋଇ ସେ ଉତ୍କଳ କଂଗ୍ରେସରେ ଯୋଗ ଦେଇଥିଲେ । କୋରାପୁଟ ନୂତନ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ପ୍ରଥମେ ବିଧାୟକ ଓ ପରେ ଓଡ଼ିଶାର ମନ୍ତ୍ରୀ ହୋଇଥିଲେ । ଉତ୍କଳ କଂଗ୍ରେସ ଦଳ ଜନତା ପାର୍ଟିରେ ବିଲୀନ ହେବାପରେ ଜୟପ୍ରକାଶ ନାରାୟଣଙ୍କ ନୀତି ଓ ଆଦର୍ଶ ପ୍ରତି ସେ ଆକର୍ଷିତ ହୋଇ ଜନତା ପାର୍ଟିରେ ଯୋଗ ଦେଇଥିଲେ । ୧୯୭୭ ଜରୁରୀ କାଳୀନ ପରିସ୍ଥିତି ସମୟରେ ସେ ଗିରଫ ହୋଇ ଜେଲ୍ ଯାଇଥିଲେ । ସେ ପ୍ରଥମେ ଜନତା ପାର୍ଟି ପରେ ଜନତା ଦଳ ଓ

ପରବର୍ତ୍ତୀ ସମୟରେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଜେପିର ସଦସ୍ୟ ରହିଥିଲେ । ହରିଶ୍‌ଚନ୍ଦ୍ର ବାବୁ 'ଲୋକନୀତି' ନାମକ ଏକ ପାକ୍ଷିକ ପତ୍ରିକା ପ୍ରକାଶ କରି ଏହାର ସମ୍ପାଦନା ଦାୟିତ୍ୱ ନିଭାଇଥିଲେ । ନିର୍ବାଚନ ସମ୍ବନ୍ଧରେ ବକ୍ସିପାତ୍ରଙ୍କ ଦୃଷ୍ଟିଭଙ୍ଗୀ ଥିଲା ଅତ୍ୟନ୍ତ ନିଆରା । ସେ କହୁଥିଲେ ଯେ ନିର୍ବାଚନ ପ୍ରକ୍ରିୟାରେ ଯେଉଁ ଦୁର୍ନୀତି ଆରମ୍ଭ ହୁଏ ଆର୍ଥିକ ଦେଣନେଣ ଦ୍ୱାରା ହୋଇଥାଏ । ଆଜି କିନ୍ତୁ ଅର୍ଥ ହିଁ ନିର୍ବାଚନର ମୂଳପୁଞ୍ଜି ହୋଇଛି । ଅର୍ଥଦ୍ୱାରା ହିଁ ଭୋଟକୁ କିଣାଯାଉଛି । ଅପରପକ୍ଷରେ ଏପରି ନୀତିକୁ ହରିଶ୍‌ଚନ୍ଦ୍ର ବାବୁ ନାପସନ୍ଦ କରୁଥିଲେ । ଅର୍ଥ କାରବାର ଜରିଆରେ ସରକାର ଓ ଜାତୀୟ ନୀତି ସ୍ଥିର ହେବା ଅତ୍ୟନ୍ତ ନିନ୍ଦନୀୟ ଓ ଅନୈତିକ ବୋଲି ତାଙ୍କର ମତ ରହିଥିଲା । ନିର୍ବାଚନ ଓ ସଂକୀର୍ଣ୍ଣ ଦଳୀୟ ରାଜନୀତି ପାଇଁ ମହାନ ଓଡ଼ିଆ ଜାତିର ସ୍ୱାର୍ଥକୁ ବଳି ଦିଆଯାଇ ପାରିବ ନାହିଁ ବୋଲି ସେ ସବୁବେଳେ କହି ଆସୁଥିଲେ । ଏଭଳି ଜଣେ ସାଲିସବିହୀନ ସ୍ୱାଭିମାନୀ ଜନନେତା ଆଜି ଆମ ଗହଣରେ ନାହାନ୍ତି, କିନ୍ତୁ ତାଙ୍କର ବିଚାରଧାରାର ମୃତ୍ୟୁ ଘଟିନାହିଁ । ତାଙ୍କର କର୍ମ ଓ ଜୀବନାଦର୍ଶ ଯୁବପିଢ଼ି ଓ ଜନସାଧାରଣଙ୍କୁ ଚିରଦିନ ପାଇଁ ପ୍ରେରଣା ଯୋଗାଉଥିବ, ଏଥିରେ ସନ୍ଦେହ ନାହିଁ ।

❤ସଂପାଦକ: ନବୀନ,
ବ୍ରହ୍ମପୁର-୧୦, ଗଂଜାମ

ଚୁମ୍ବକ ପାହାଡ଼

ଚୁମ୍ବକର ପାହାଡ଼ ବିଷୟରେ ଶୁଣିଲେ ଆପଣମାନେ ଆଶ୍ଚର୍ଯ୍ୟ ହେବେ । ଏହି ପାହାଡ଼ଟି ରହିଛି ଭାରତରେ । ଜାମ୍ମୁ-କାଶ୍ମୀରର ଲଦାଖ ସ୍ଥିତ ଲେହଠାରେ ରହିଥିବା ଗୁରୁଦ୍ୱାର ପଠାନ ସାହିବ ପାହାଡ଼ ଦେଖିବାକୁ ଖୁବ୍ ସାଧାରଣ । ହେଲେ ଏହି ପାହାଡ଼କୁ ଦେଖିବା ପାଇଁ ବିଶ୍ୱରୁ ବହୁ ପର୍ଯ୍ୟଟକଙ୍କ ଆସିଥାନ୍ତି । ଏହାର କାରଣ ହେଉଛି ଏହା ଏକ ଚୁମ୍ବକ ପାହାଡ଼ । ଏହି ପାହାଡ଼ରେ ଏତେ ମାତ୍ରାରେ ଚୁମ୍ବକ ଶକ୍ତି ରହିଛି ଯେ, ଆଖପାଖରେ ଥିବା ବନ୍ଦ ଗାଡ଼ି ଟାଣି ହୋଇ ପାହାଡ଼ ନିକଟରୁ ଚାଲିଆସେ । ଏହିପରି କି ଏହାର ଉପରେ କୌଣସି ବିମାନ ମଧ୍ୟ ଉଡ଼େ ନାହିଁ କାରଣ ବିମାନକୁ ଚୁମ୍ବକ ଦ୍ୱାରା ଝଟକା ଲାଗିଥାଏ, ଫଳରେ ବିମାନଟି ଦୁର୍ଘଟଣା ଗ୍ରସ୍ତ ହେବାର ସମ୍ଭାବନା ଅଧିକ ରହିଥାଏ । ବୈଜ୍ଞାନିକଙ୍କ ଅଧ୍ୟୟନରୁ ଜଣାଯାଇଛି ଯେ, ଏହି ପାହାଡ଼ ପାଖରେ କୌଣସି ବନ୍ଦ ହୋଇ ଯାଇଥିବା ଗାଡ଼ି ୨୦ କିଲୋମିଟର ପ୍ରତି ଘଣ୍ଟାରେ ପାହାଡ଼ ଆଡକୁ ଟାଣି ହୋଇଥାଏ । କିନ୍ତୁ ଗାଡିଟି ପାହାଡ଼ ଉପରୁ ତଳକୁ ନେବା ସମୟରେ ଏହାର ଗତି ୩ଗୁଣ ଅଧିକ ହୋଇଥାଏ ।

ସାବଧାନ ରୁହନ୍ତୁ

ରିଭର୍ସ ଓସ୍‌ମୋସିସ୍ ଅଶୁଦ୍ଧ ପାଣିକୁ ସଫା କରିବା ପାଇଁ ସବୁଠାରୁ ଭଲ ବ୍ୟବସ୍ଥା । ଏହା ଭାବି ଲୋକମାନେ ଘରେ ଆର୍‌ଓ ଲଗାଇଥାନ୍ତି । କିନ୍ତୁ ଏତେ ବର୍ଷ ମଧ୍ୟରେ ଆର୍‌ଓ ସିଷ୍ଟମ ନିଜର ଅଶୁଦ୍ଧିକୁ ପାର କରିପାରୁନାହିଁ । ଆର୍‌ଓ ପ୍ରଣାଳୀ ପାଣିରୁ ଜରୁରୀ ମିନେରାଲସ୍ ଯଥା- କ୍ୟାଲସିୟମ ଓ ମ୍ୟାଗ୍ନେସିୟମକୁ ମଧ୍ୟ ଶେଷ କରିଦିଏ । ଏହା ସହିତ ପାଣିକୁ ସଫା କରିବାର ପ୍ରୋସେସ୍‌ରେ ହେଉଥିବା କ୍ଷତି ମଧ୍ୟ ଏହାର ଟେକ୍ନୋଲୋଜି ଉପରେ ପ୍ରଶ୍ନବାଚୀ ହୋଇ ରହିଛି । ଆର୍‌ଓ ପାଣିକୁ ସଫା କରିବା ଚକରରେ ୮୦ ପ୍ରତିଶତ ପାଣିକୁ ବେକାର ବୋହିବାକୁ ଦେଇଥାଏ । ଏବେ ଏନ୍‌ଜିଟିର ତାଜା ଆଦେଶରେ ଏହି ତଥ୍ୟ ବାହାର କରାଯାଇଛି ଯେ ସବୁ ପାଣିକୁ ସଫା କରିବାପାଇଁ ଆର୍‌ଓ ଜରୁରୀ ନୁହେଁ । ଆର୍‌ଓ ପାଣି ଅର୍ଥାତ ଡି-ଜେନେରାଲାଇଜ୍‌ଡ୍ ପାଣି ଡିଷ୍ଟିଲେସନ୍, ଡି-ଆୟୋନାଇଜେସନ୍ ଓ ମେବ୍ରେନ୍ ଫିଲଟରରେସନ୍ ପରି ମେବ୍ରେନ୍ ଫିଲଟରରେସନ୍ ପରି ପ୍ରକ୍ରିୟା ପରେ ପାଣି ମିନେରାଲରୁ ମୁକ୍ତ ହୋଇଯାଏ । ଅଲଗା ଅଲଗା ଟେକ୍ନୋଲୋଜିରୁ ଲେସ୍ ଆର୍‌ଓ ଅର୍ଥାତ ରିଭର୍ସ ଓସ୍‌ମୋସିସ୍ ଟେକ୍ନୋଲୋଜିରୁ ବାହାରୁଥିବା ପାଣିରୁ ବହୁତ ମିନେରାଲ ନଥାଏ । ୧୯୮୦ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମିନେରାଲ ମୁକ୍ତ ପାଣିକୁ କ୍ଷତିକାରକ ବୋଲି କହିଥିଲେ । ଏଠାରେ ଡବ୍ଲ୍ୟୁଏଚ୍‌ଓ ୩୦୦ ଏମଜି ପ୍ରତି ଲିଟରରୁ କମ୍ ଟିଡିଏସ୍ ବାଲା ପାଣିକୁ ପିଇବା ଦୃଷ୍ଟିରୁ ଉତ୍ତମ କ୍ୱାଲିଟି ବୋଲି ମାନିଛି ।

ସ୍ୱାସ୍ଥ୍ୟ ଟିପ୍ସ

ସମଗ୍ର ବିଶ୍ୱରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ମଧୁମେହ ଖାଦ୍ୟ ଏବଂ ଜୀବନଶୈଳୀ ସହ ସଂପର୍କିତ ଏକ ରୋଗ । ଜିନ୍ ଯୋଗୁଁ ଏପରିକି ଶିଶୁଙ୍କଠାରେ ମଧ୍ୟ ମଧୁମେହ ଦେଖାଯାଉଛି । ଭାରତରେ ଟାଇପ୍-୨ ମଧୁମେହ ଭୋଗୁଥିବା ରୋଗୀଙ୍କ ସଂଖ୍ୟା ବିଶ୍ୱରେ ସବୁଠାରୁ ଅଧିକ । ଦୈନିକ ଔଷଧ ଖାଇବା ଏବଂ ଇନ୍‌ସୁଲିନ୍ ନେବା ଅପେକ୍ଷା ସତର୍କ ନ ରହିବା କାହିଁକି ? ଖାଦ୍ୟାଭ୍ୟାସରେ ଅଳ୍ପ କିଛି ପରିବର୍ତ୍ତନ ଦ୍ୱାରା ମଧୁମେହକୁ କିଛି ପରିମାଣରେ ରୋକାଯାଇପାରେ । ପ୍ରତିଦିନ ସକାଳେ ଖାଲି ପେଟରେ ତାଜା କଲରାର ରସ ପିଇଲେ ମଧୁମେହ ନିୟନ୍ତ୍ରଣରେ ରହେ । କଲରା ରସ ପିଇବାକୁ କଷ୍ଟ ହେଉଥିଲେ, ଜଳଖିଆରେ କଲରା ଚିପ୍‌ସ ବା କଲରା ପ୍ରସ୍ତୁତ ଯେକୌଣସି ଖାଦ୍ୟ ଖାଇପାରନ୍ତି । ରାତିରେ ଏକ-ଚାରି ଚାମଚ ମେଥି ପାଣିରେ ବତୁରାନ୍ତୁ । ପାଣି ସହ ମେଥିକୁ ସକାଳୁ ଖାଲି ପେଟରେ ଚୋବାଇ ଖାଆନ୍ତୁ । ବର୍ଷ ସାରା ଚୋପା ଚାଞ୍ଚି ପିଜୁଳି ଖାଆନ୍ତୁ । ଚୋପା ନ ଚାଞ୍ଚି, ପିଜୁଳି ଖାଇଲେ ରକ୍ତ ଶର୍କରା ବଢ଼ିଯାଏ । ନିୟମିତ ଅଁଳା ଚୂର୍ଣ୍ଣ ଖାଆନ୍ତୁ । ମଧୁମେହ ରୋଗୀଙ୍କ ଲାଗି ଜାମୁକୋଳି ଭଲ । ବର୍ଷର ସବୁ ସମୟରେ ଜାମୁକୋଳି ମିଳେନାହିଁ । ତେଣୁ, ମିଳୁଥିବା ବେଳେ ଅଧିକ ପରିମାଣରେ ସଂଗ୍ରହ କରି, ମଞ୍ଜିକୁ ଶୁଖାଇ, ଗୁଣ୍ଡ କରି ରଖନ୍ତୁ । ଜାମୁକୋଳି ମଞ୍ଜି ଚୂର୍ଣ୍ଣ ପାଣିରେ ଗୋଳାଇ ଦିନରେ ଦୁଇଥର ପିଅନ୍ତୁ । ଚାହା ବା କଫି ଅଭ୍ୟାସ ଯଦି ଅଛି, ଚିନି ବଦଳରେ ମହୁ ବ୍ୟବହାର କରନ୍ତୁ । ବିନା ଚିନିରେ କଳା କଫି ମଧୁମେହ ଆଶଙ୍କାକୁ କମ୍ କରୁଥିବା ପ୍ରମାଣିତ ।

ଶୀତ ଦିନେ ହେୟାର ପ୍ୟାକ୍

♦ ଦୁଇଟି କଦଳୀ, ଦୁଇଟି ଅଣ୍ଡା, ଗୋଟିଏ ଲେମ୍ବର ରସ ଏବଂ ଦୁଇଟି ଭିଟାମିନ - କ୍ୟାପସୁଲ ମିଶାଇ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ କେଶରେ ଲଗାଇ ୩୦/୪୦ ପରେ ଧୋଇ ଦିଅନ୍ତୁ । ଏହି ଲେପ ସପ୍ତାହରେ ଦୁଇ ଥର ବ୍ୟବହାର କଲେ କେଶ ଭଲ ରହିବ ।

♦ ଦୁଇଟି ଅଣ୍ଡାରେ କିଛି ଅଲିଭ୍ ତେଲ ମିଶାଇ ବ୍ୟବହାର କରିପାରିବେ । ଏହା ଦ୍ୱାରା କେଶର ଚମକ ବଢ଼ିବ ।

♦ ଗୋଟିଏ ଚାମଚ ମୁଲତାନୀ ମାଟି ଏବଂ ଗୋଟିଏ ଚାମଚ ବେସନରେ ଅଧ କପ୍ ଭିନିଗାର ମିଶାଇ କେଶରେ ଲଗାନ୍ତୁ ଏବଂ ୧୫/୨୦ମିନିଟ୍ ପରେ କେଶକୁ ସେମ୍ପୁରେ ସଫା କରି ଦିଅନ୍ତୁ । ଶୁଷ୍କ କେଶ ପାଇଁ ଯେକୌଣସି ତେଲ ମିଶାଇ ବ୍ୟବହାର କରିପାରିବେ ।

♦ ୨/୩ ଚାମଚ ଶିକାକାଇ ଗୁଣ୍ଡ, ରାତିରୁ ବତୁରା ଯାଇଥିବା ଗୋଟିଏ ଚାମଚ ମେଥି ଓ ଗୋଟିଏ ଚାମଚ ମୁଗ ଏବଂ ଗୋଟିଏ ଅଣ୍ଡାକୁ ଭଲ ଭାବରେ ମିଶାଇ ଲେପ ତିଆରି କରନ୍ତୁ । ଏହି ଲେପକୁ ସାମ୍ପୁ ଭଳି କେଶରେ ବ୍ୟବହାର କରନ୍ତୁ ।

♦ ଦହି ମଧ୍ୟ କେଶ ପାଇଁ ଲାଭଦାୟକ । ଏହା କେଶକୁ ଚିକ୍କଣ ଓ ଆକର୍ଷଣୀୟ କରିବା ସହ ରୂପି ମଧ୍ୟ କମ୍ କରିଥାଏ । ଗୋଟିଏ କପ୍ ବସା ଦହିରେ ଗୋଟିଏ ଅଣ୍ଡାର କେବଳ ହଳଦିଆ ଅଂଶ ଓ ଗୋଟିଏ ଚାମଚ ଲେମ୍ବୁରସ ମିଶାନ୍ତୁ । ଏହି ପ୍ୟାକ୍‌କୁ କେଶରେ ଲଗାଇ ଅଧଘଣ୍ଟା ପରେ ସଫା କରିଦିଅନ୍ତୁ ।

♦ ଗୋଟିଏ ଚାମଚ ମହୁରେ ଦୁଇ ଚାମଚ ଜଡା ତେଲ ଏବଂ ଗୋଟିଏ ଅଣ୍ଡା ମିଶାଇ ସେହି ମିଶ୍ରଣକୁ କେଶରେ ଲଗାଇପାରିବେ । ଏହାକୁ ଲଗାଇବାର ଗୋଟିଏ ଘଣ୍ଟାପରେ କେଶ ସଫା କରିଦେବେ ।

♦ କେଶରେ ଏକ ଚାମଚ ଘିକୁଆଁରି ରସ, ଗୋଟିଏ ଚାମଚ ଲେମ୍ବୁରସ, ଦୁଇ ଚାମଚ ନଡିଆ କିମ୍ବା ଅଲିଭ ତେଲ ମିଶାଇ ବ୍ୟବହାର କରିପାରିବେ ।

ଡିସ୍କ ସମସ୍ୟାରୁ ମୁକ୍ତି ପାଇବା ଉପାୟ

ଅଣ୍ଟାବ୍ୟଥା ଏବେ ପ୍ରାୟ ପ୍ରତ୍ୟେକଙ୍କୁ ଆକ୍ରାନ୍ତ କରୁଥିବା ବେଳେ ଏହାର ମୁଖ୍ୟତଃ ଦୁଇଟି କାରଣ ରହିଛି । ଆଗକୁ ନଇଁ ଭାରି ଜିନିଷ ଉଠାଉଥିବା ବେଳେ ମେରୁଦଣ୍ଡ ଦୁଇପାଖରେ ସକଅବଜର୍ଭର ଭାବେ କାମ କରୁଥିବା ଡିସ୍କ ଖସିଯାଏ । ଏହାକୁ କହନ୍ତି ସ୍ଲିପ୍ ଡିସ୍କ । ଅନ୍ୟ ଏକ ସମସ୍ୟାରେ ବୟସ ବଢ଼ିଲେ ମେରୁଦଣ୍ଡ କେନାଲର ବ୍ୟାସାର୍ଦ୍ଧ, ଧୀରେଧୀରେ କମିଯାଏ ଓ ସୁଷୁମ୍ନାକାଣ୍ଡକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାକୁ ଚାପିଦିଏ । ଏହାଦ୍ୱାରା



ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ ବିନ୍ଧେ । ଗୋଡ଼ ଝିମଝିମ ହୋଇ କାଲୁଆ ପଡ଼ିଯାଏ । ଚାଲିଲାବେଳେ ଗୋଡ଼ ବାନ୍ଧିରଖେ ଓ ଚାଲିବାର ଦୂରତା କମିଆସେ । ବେଳେବେଳେ ମଳମୂତ୍ର ତ୍ୟାଗର ବେଗ ଉପରେ ନିୟନ୍ତ୍ରଣ ରହେନାହିଁ । ଏହାକୁ ସିଆଟିକା ମଧ୍ୟ କହନ୍ତି । ଏବେ ଏସବୁ ସମସ୍ୟାର ଚିକିତ୍ସା ଅତ୍ୟାଧୁନିକ ଏଣ୍ଡୋସ୍କାଇନ ସାହାଯ୍ୟରେ କରାଯାଇପାରୁଛି । ଏଥିରେ ଅସ୍ତ୍ରୋପଚାରୀ କରାଗଲେ ମଧ୍ୟ ଷ୍ଟିଚ ଦରକାର ହୁଏନି ।

ଏହି ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣ

କଂଗ୍ରେସ ପକ୍ଷରୁ ଜନ ଜାଗରଣ ଯାତ୍ରାର ଶୁଭାରମ୍ଭ

ଭୁବନେଶ୍ୱର,୧୬/୧୧ (ନି.ପ୍ର): ଦେଶରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଆକାଶ ଛୁଆଁ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ନିଖିଳ ଭାରତ କଂଗ୍ରେସ କମିଟି ନିଷ୍ପତିକ୍ରମେ ସାରା ଦେଶରେ କଂଗ୍ରେସ ଦଳପକ୍ଷରୁ ନଭେମ୍ବର ୧୪ ରୁ ୨୯ ତାରିଖ ମଧ୍ୟରେ ସପ୍ତାହ ବ୍ୟାପି ଜନ ଜାଗରଣ ଯାତ୍ରା ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ହେଉଥିବା ଆଇନ ଶୃଙ୍ଖଳା ଅବନତି, ଦରବୃଦ୍ଧି ଓ ନାରୀ ନିର୍ଯ୍ୟାତନା ବିରୋଧରେ ଜନସଚେତନତା ସୃଷ୍ଟି କରିବାପାଇଁ ସୋମବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ସପ୍ତାହ ବ୍ୟାପି ଜନ ଜାଗରଣ ଯାତ୍ରାର ଶୁଭାରମ୍ଭ ହୋଇଛି । ପୂର୍ବାହ୍ଣରେ ୯ନମ୍ବର ବ୍ଲକ ଅଧିନସ୍ଥ ଆଇଗିଣିଆ ଛକ ଠାରୁ ଏକ ପଦଯାତ୍ରା ବାହାରି ଯଦୁପୁର ପର୍ଯ୍ୟନ୍ତ ଯାଇ ଲୋକମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଅପାରଗତା ସଂପର୍କରେ ସଚେତନ କରାଇଥିଲେ । ପରେ ଆଇଗିଣିଆ ଛକ ଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହା ବ୍ୟତୀତ ଖଣ୍ଡଗିରି ଛକ ଠାରୁ ଏମ୍ସ ରାସ୍ତାରେ ଏକ ଓଭରବ୍ରିଜ ନିର୍ମାଣ ଦାବିରେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଶିବାନନ୍ଦ ରାୟ, ୟାସିର ନଓ୍ୱାଜ, ରଶ୍ମି ମହାପାତ୍ର ପ୍ରମୁଖ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ସଂପର୍କରେ କଟୁ ସମାଲୋଚନା କରିଥିଲେ ।

ପୁରୀ ଓ ଗଞ୍ଜାମରେ ୪ଟି ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୬/୧୧ (ନି.ପ୍ର): ଲୋକସେବା ଭବନଠାରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମାଙ୍କ ଅଧ୍ୟକ୍ଷତାରେ ପୁରୀ ଓ ଗଞ୍ଜାମ ଜିଲ୍ଲାର ବୃହତ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକାରି ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମଗିରି ବ୍ଲକର ରାୟବିଧାର ପଂଚାୟତ ସ୍ଥିତ ଭଣ୍ଡାରିକୁଦା ଠାରେ ଥିବା ୫୯ ଗୋଟି ଗ୍ରାମକୁ ଯୋଗାଇବାକୁ ଥିବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ଉପରେ ଶ୍ରୀ ଦାସ ବର୍ମା ଗୁରୁତ୍ୱ ଆରୋପ କରିଛନ୍ତି । ସେହିପରି ବ୍ରହ୍ମଗିରି ବ୍ଲକର ୬୯ ଗୋଟି ଗ୍ରାମ, କୃଷ୍ଣ ପ୍ରସାଦ ବ୍ଲକର ୩୦ ଗୋଟି ଗ୍ରାମ, ଗଞ୍ଜାମ ଜିଲ୍ଲା ଏବଂ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣ ପ୍ରସାଦ ବ୍ଲକର ୯୨ ଗ୍ରାମକୁ ରାଜ୍ୟ ସରକାର ମଞ୍ଜୁର କରିଥିବା ଭୂତଳ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଶ୍ରୀ ଦାସ ବର୍ମା ଗୁରୁତ୍ୱ ଦେଇଛନ୍ତି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଓ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରି ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ୭ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ୯୨ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ବ୍ଲକର ୧୧ ଗୋଟି ଗ୍ରାମ ପଂଚାୟତର ବୃହତ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଉପରେ ଶ୍ରୀ ଦାସ ବର୍ମା ଗୁରୁତ୍ୱ ଦେଇଛନ୍ତି । ବୈଠକରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ, ବି. ପରମେଶ୍ୱର ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳର ସର୍ବୋଚ୍ଚ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

ସାମ୍ବାଦିକଙ୍କ ବୀମା ୫ଲକ୍ଷ ଓ ସୁରକ୍ଷା ଆଇନ ଲାଗୁ ହେଉ

ଭୁବନେଶ୍ୱର,୧୬/୧୧ (ନି.ପ୍ର): ସାମ୍ବାଦିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବାକୁ ଦାବି କରିଛି ସାମ୍ବାଦିକ ମିଳିତ ମଂଚ । ମଂଚର ଆବାହକ ଲିଙ୍ଗରାଜ ସାହୁ କହିଛନ୍ତି ଯେ, ଅନେକ ସମୟରେ କାର୍ଯ୍ୟରତ ସାମ୍ବାଦିକମାନେ କର୍ତବ୍ୟ କରୁଥିବା ବେଳେ ବହୁବାର ଆକ୍ରମଣର ଶିକାର ହେଉଛନ୍ତି । ଏଣୁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ତୁରନ୍ତ କରିବା ଆବଶ୍ୟକ ରହିଛି । ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ବୃଦ୍ଧି କରିବା, ସାମ୍ବାଦିକ ଚିହ୍ନଟ କରି ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମାକୁ ୨ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବାବାକୁ ଦାବି କରାଯାଇଛି । ଏଥି ପାଇଁ ବରିଷ୍ଠ ସାମ୍ବାଦିକଙ୍କ ସ୍ୱାକ୍ଷର ସଂଗ୍ରହ କରି ପୁଣି ବିଧାୟକମାନଙ୍କୁ ଭେଟିବା ସହ ମନ୍ତ୍ରୀ, ସୂଚନା ଓ ଲୋକସଂପର୍କ ଉପଦେଷ୍ଟା, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ମିଳିତ ମଂଚ ସଭ୍ୟମାନେ ଭେଟିବା ଅଭିଯାନ ଆରମ୍ଭ ହୋଇଛି ବୋଲି କୁହାଯାଇଛି ।

୧୮ରେ ପୁରୀ ଯିବେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ

ଭୁବନେଶ୍ୱର,୧୬/୧୧ (ନି.ପ୍ର): ସମୁଦ୍ର ଉପକୂଳସ୍ଥିତ ପୁରୀ ଜିଲ୍ଲାର ଡେଲାଙ୍ଗ, କଣାସ, ପିପିଲି, ବ୍ରହ୍ମଗିରି, ସତ୍ୟବାଦୀ, ପୁରୀ ସଦର ବ୍ଲକର ପାଖାପାଖି ୧୫୦ଟି ଗ୍ରାମପଂଚାୟତର ୧୨୦୦ ରାଜସ୍ୱ ଗ୍ରାମ, ୩୨୦୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି, ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ବନ୍ୟା କ୍ଷତି ସହୁଛନ୍ତି । ଏହି ଅଂଚଳର ସମସ୍ୟାର ସ୍ଥାୟୀ ସମାଧାନ ନହେବା କାରଣରୁ ଅଂଚଳବାସୀଙ୍କ ମନ ଭିତରେ ଅସନ୍ତୋଷର ନିଆଁ ବୃଦ୍ଧି ପାଇଚାଲିଛି । ଏହି ଦାବୀକୁ ଗମ୍ଭୀରତାର ସହ ଅନୁଭବ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ଆସନ୍ତା ୧୮ ତାରିଖ ଦିନ ପୁରୀ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ ପ୍ରବାହିତ ଦୟା, ରାଜୁଆ, ମଲାଗୁଣୀ, ମକରା, ଲୁଣା, ରୟଚିରା, ଭାର୍ଗବୀ ଆଦି ନଦୀର ସମୁଦ୍ର ସଂଯୋଗ ସ୍ଥଳ କଣାସର ବଡଗୋଠରୁ ଚିଲିକା ମୁହାଣ ପର୍ଯ୍ୟନ୍ତ ପରିଦର୍ଶନ କରି ସ୍ଥିତିର ଆକଳନ କରିବେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବିଭାଗୀୟ କେନ୍ଦ୍ରୀୟ ପ୍ରତିନିଧିଦଳ ଉପସ୍ଥିତ ରହିବେ । ଦେଶ ସ୍ୱାଧୀନତା ପରେ ପୁରୀ ଜିଲ୍ଲାର ସ୍ଥାୟୀ ବନ୍ୟା ପ୍ରତିକାର ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ୟମ ଓ ପ୍ରଚେଷ୍ଟା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଏବଂ ଆଗାମୀ ଦିନରେ ଅଂଚଳବାସୀଙ୍କ ଦୀର୍ଘ ଦିନର ସମସ୍ୟାର ସମାଧାନ ହେବାର ସମ୍ଭାବନା ଆଜି ବାସ୍ତବରେ ପରିଣତ ହେବାକୁ ଯାଉଛି ବୋଲି ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ କହିଛନ୍ତି ।

ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ବିଜେପିର ଏକ ପ୍ରତିନିଧି ଦଳ ଗତ ସେପ୍ଟେମ୍ବର ୧୯ ତାରିଖ ଦିନ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ଭେଟି ଆଲୋଚନା କରିବା ସହ ସ୍ଥାୟୀ ବନ୍ୟା ପ୍ରତିକାର ନିମନ୍ତେ ବିହୀତ ପଦକ୍ଷେପ ନେବା ପାଇଁ ଅନୁରୋଧ ଜଣାଇଥିଲେ । ଏହି ପ୍ରତିନିଧି ଦଳର ସଦସ୍ୟ ତଥା ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ ଓ ବିରଂଚି ନାରାୟଣ ତ୍ରିପାଠୀ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ।

ବିର୍ସାମୁଣ୍ଡା ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ

ଭୁବନେଶ୍ୱର,୧୬/୧୧ (ନି.ପ୍ର): ଭଗବାନ ବିର୍ସାମୁଣ୍ଡାଙ୍କ କୀର୍ତି ଓ ଜୀବନାଦର୍ଶ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଦର୍ଶାଇ ଅତିଥିମାନେ ତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍.ସି.ଏସ୍.ଟି. ଆର.ଟି.ଆଇ ଏବଂ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଳାଳୟର ମିଳିତ ସହଯୋଗରେ ଆଜି ଅନୁଷ୍ଠିତ ଏକ ଜାତୀୟ ଆଭାସୀ ଆଲୋଚନା ଚକ୍ରରେ "ଭାରତର ସ୍ୱାଧୀନତା ସଂଗ୍ରାମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ" ପ୍ରସଙ୍ଗ ଉପରେ ଆଲୋଚକମାନେ ବକ୍ତବ୍ୟ ରଖିଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡିଶାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡ. ନଭଲଜିତ କପୁର, ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ନୃତତ୍ୱ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ବିଜୟ ଏ ସହାୟ ପ୍ରମୁଖ ବକ୍ତବ୍ୟ ରଖି ଭଗବାନ ବିର୍ସାଙ୍କୁ ଜନଜାତି ଅସ୍ମିତା ଓ ସ୍ୱାଭିମାନର ମୂର୍ତିମନ୍ତ ପ୍ରତୀକ ଭାବରେ ଅଭିହିତ କରିଥିବା ବେଳେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ସ୍ୱାଗତ ଭାଷଣ କ୍ରମେ ରାଷ୍ଟ୍ରନିର୍ମାଣରେ ଯୋଗଦାନ ଓ ପ୍ରାଣବଳି ଦେଇଥିବା ଜନଜାତି ନାୟକମାନଙ୍କର ସ୍ମୃତି ଚାରଣ ଲାଗି ଦେଶର ବିଭିନ୍ନ ପ୍ରାନ୍ତରେ ଚଳିତ ମାସ ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଆଇକନିକ ସପ୍ତାହ ପାଳନ କରାଯାଇଛି ବୋଲି ଉଲ୍ଲେଖ କରିଥିଲେ । ବୈଷୟିକ ଅଧିବେଶନରେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ. କିଶୋର କୁମାର ବାସା, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ନୃତତ୍ୱ ବିଭାଗ ପ୍ରଫେସର ସୁମହନ୍ ବଂନ୍ଦୋପାଧ୍ୟାୟ, ରାଂଚିସ୍ଥିତ ମୁଣ୍ଡାରୀ ଲୋକଭାଷା ପାଠ୍ୟକ୍ରମର ସଂଯୋଜକ ଗୁଂଜଲ ଉକିର ମୁଣ୍ଡା, ରାଂଚିସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ସତ୍ୟନାରାୟନ ମୁଣ୍ଡା ପ୍ରମୁଖ ବିଦ୍ୱାନ ଓ ଶିକ୍ଷାବିତ୍ ଅଂଶଗ୍ରହଣ କରି ବୀର ବୀର୍ସାଙ୍କ ଜୀବନ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଂଚଳରୁ ଗବେଷକ, ଶିକ୍ଷାବିତ୍, ବିଦ୍ୱାନ, ଜନଜାତି ବିକାଶ କର୍ମୀ, ଜନଜାତି ବିକାଶ ସଂସ୍ଥାନ ଓ ଉତ୍କର୍ଷ କେନ୍ଦ୍ରର ପ୍ରତିନିଧି, କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ଓ ବିଭିନ୍ନ ରାଜ୍ୟର ଜନଜାତି ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

ଆତ୍ମାର ମୃତ୍ୟୁ ନାହିଁ, ଆତ୍ମା ଅବିନଶ୍ୱର : ମନ୍ତ୍ରୀ ନବ ଦାସ

ଭୁବନେଶ୍ୱର, ୧୫ ନଭେମ୍ବର – ଆତ୍ମାର ମୃତ୍ୟୁ ନାହିଁ, ଆତ୍ମା ଅବିନଶ୍ୱର । ପୂଣ୍ୟାତ୍ମା ମାନେ ସର୍ବଦା ଭଲ କାର୍ଯ୍ୟ କରି ଏହି ସଂସାରରୁ ବିଦାୟ ନେଇଥାଆନ୍ତି । ସେହିଭଳି ଜଣେ ମହାନ ଆତ୍ମା ଥିଲେ ପୂର୍ବତନ ସିବିଆଇ ଡାଇରେକ୍ଟର ଜେନେରାଲ ସ୍ୱର୍ଗତ ଉମାଶଙ୍କର ମିଶ୍ର । ସେ ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ତାଙ୍କର ସ୍ମୃତି ର ଛାପ ଛାଡିଦେଇଯାଇଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ପ୍ରକାଶ କରିଛନ୍ତି । ସ୍ଥାନୀୟ ଇଡକଲ ଅଡିଟୋରିଅମ୍ ଠରେ ଆୟୋଜିତ ସ୍ୱର୍ଗତ ଉମାଶଙ୍କର ଦାସ ଙ୍କ ସ୍ମୃତି ସଭାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ କହିଲେଯେ, ଉମାଶଙ୍କର ଦାସ ଙ୍କ ସହ ତାଙ୍କର ସମ୍ପର୍କ ଦିର୍ଘଦିନର ଓ ଘନିଷ୍ଠ ମଧ୍ୟ । ସେ ଜଣେ ମେଳାପି ସାଧୁ ଓ ସଚ୍ଚୋଟ ଅଫିସର ଥିଲେ । ତାଙ୍କର କାର୍ଯ୍ୟ ଦକ୍ଷତାର ପଟାନ୍ତର ନାହିଁ । ଏହି ଅବସରରେ ଯୋଗ ଦେଇ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ସ୍ୱର୍ଗତ ଉମାଶଙ୍କର ଦାସ ଙ୍କ ସହିତ ତାଙ୍କର ସ୍ମୃତି ଚାରଣ କରି କହିଲେଯେ ଶ୍ରୀ ଦାସ ହେଉଛନ୍ତି ପ୍ରଥମ ଓଡିଆ ଯିଏକି ସିବିଆଇ ଭଳି ସଂସ୍ଥାରେ ଡାଇରେକ୍ଟର ଜେନେରାଲ ହୋଇପାରିଥିଲେ ଏହା କେବଳ ତାଙ୍କର କର୍ତବ୍ୟପରାୟଣତା, ସାଧୁତା ଓ ସଚ୍ଚୋଟତା ଯୋଗୁ ସମ୍ଭବ ହୋଇପାରିଥିଲା । ମୁଁ ତାଙ୍କ ସହିତ କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଛି । ତାଙ୍କର କାର୍ଯ୍ୟଶୈଳି ଦ୍ୱାରା ମୁଁ ପ୍ରଭାବିତ । ସ୍ମୃତି ସଭାରେ ଯୋଗଦେଇ ଅଗ୍ନିଶମ ଓ ହୋମଗାର୍ଡ ଡାଇରେକ୍ଟର ଜେନେରାଲ ଏମ ଅକ୍ଷୟ କହିଲେଯେ ସ୍ୱର୍ଗତ ଦାସ ଙ୍କ ସରଳତା ଓ ନମ୍ରତା ଗୁଣ ତାଙ୍କୁ ସମସ୍ତଙ୍କର ପ୍ରିୟପାତ୍ର କରିଥିଲା, ଅହଙ୍କାର ତାଙ୍କୁ କେବେ ସ୍ପର୍ଶ କରିନଥିଲା , ସେ ଜଣେ କର୍ମବୀର ଥିଲେ ।

ସ୍ମାର୍ଟ କାର୍ଡ ଯୁଗ ଶେଷ: ଘରେ ବସି ଡାଉନ୍‌ଲୋଡ କରି ହେବ ଗାଡ଼ି କାଗଜପତ୍ର

ଭୁବନେଶ୍ୱର,୧୬/୧୧ (ନି.ପ୍ର): ଆଉ ସ୍ମାର୍ଟକାର୍ଡ ନୁହେଁ, କିମ୍ବା ଆରଟିଓ ଅଫିସ୍‌ରେ ଧାଡ଼ି ବାନ୍ଧି ନୁହେଁ, ବରଂ ଘରେ ବସି ଡାଉନ୍‌ଲୋଡ୍ କରି ହେବ ଗାଡ଼ିର ସମସ୍ତ କାଗଜପତ୍ର । ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ବିଜ୍ଞପ୍ତି ଜାରି କରିଛି । ସ୍ମାର୍ଟ କାର୍ଡ ପ୍ରସ୍ତୁତ କରୁଥିବା ସଂସ୍ଥା ସ୍ମାର୍ଟ ଚିପ ଲିମିଟେଡ୍ ସହ ହୋଇଥିବା ଚୁକ୍ତି ଅବଧି ଜୁଲାଇ ୨୮ରେ ଶେଷ ହୋଇଛି । ସଂସ୍ଥା ସହ ହୋଇଥିବା ଚୁକ୍ତିର ଆଉ ନବୀକରଣ ନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ନୂଆ ବ୍ୟବସ୍ଥାରେ ଡ୍ରାଇଭିଂ ଲାଇସେନ୍ସ, ପଞ୍ଜୀକରଣ ପ୍ରମାଣପତ୍ର, ବାଣିଜ୍ୟ ପ୍ରମାଣପତ୍ର, ଫିଟନେସ୍ ସାର୍ଟିଫିକେଟ୍ ଓ ପରମିଟ୍ ପ୍ରଭୃତି ପାଇବା ପାଇଁ ଗାଡ଼ି ଚାଳକଙ୍କୁ ଆଉ ଆରଟିଓ ଦଉଡ଼ିବାକୁ ପଡ଼ିବ ନାହିଁ କିମ୍ବା ଡାକ କର୍ମଚାରୀଙ୍କୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ବିଭାଗ ବିଜ୍ଞପ୍ତିରେ ସ୍ପଷ୍ଟ କରିଛି । ଏଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏକ ସ୍ୱତନ୍ତ୍ର ପୋର୍ଟାଲ ପ୍ରସ୍ତୁତ କରୁଛି । ଆସନ୍ତା ଜାନୁଆରି ୧ ତାରିଖରୁ ଏହି ସୁବିଧା ଉପଲବ୍ଧ ହେବାକୁ ଯାଉଛି । ଏଥିରେ ସମସ୍ତ କାଗଜପତ୍ର କର୍ତ୍ତୃପକ୍ଷଙ୍କର ଡିଜିଟାଲ ଦସ୍ତଖତରେ ଉପଲବ୍ଧ ହେବ । ଡାଉନ୍‌ଲୋଡ୍ ହେଉଥିବା ପିଡିଏଫ ପୁଲିସ ଚେକିଂ ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ସରକାରୀ ବ୍ୟବସ୍ଥାରେ ଗ୍ରହଣୀୟ ହେବ । ଉଲ୍ଲେଖଯୋଗ୍ୟ, ଗାଡ଼ି କାଗଜପତ୍ର ଡାକରେ ଆସୁଥିବାରୁ ଅନେକ ସମୟରେ ବିଳମ୍ବ ହେଉଥିଲା । କେତେକ କ୍ଷେତ୍ରରେ ଠିକଣା ଠିକ୍ ଥାଇ ମଧ୍ୟ ଡାକ କର୍ମଚାରୀ ଚିଠି ଦେଉନଥିବା ଅଭିଯୋଗ ରହିଥିଲା । ଘରକୁ କାଗଜପତ୍ର ପହଞ୍ଚିବା ପାଇଁ ଡାକ ଦେୟ ଗାଡ଼ି ମାଲିକଙ୍କୁ ଦେବାକୁ ପଡୁଥିଲା । ସ୍ମାର୍ଟ କାର୍ଡ ପ୍ରସ୍ତୁତ କରିବା ପାଇଁ ସ୍ମାର୍ଟ ଚିପ୍ ଲିମିଟେଡ୍ ମଧ୍ୟ ଟଙ୍କା ନେଉଥିଲା । ଏଭଳି ଅଭିଯୋଗ ସବୁକୁ ଆଖି ଆଗରେ ରଖି ସରକାର ସ୍ମାର୍ଟ କାର୍ଡକୁ ହଟାଇ ଇଣ୍ଟରନେଟ୍‌ରୁ ଏହି ସବୁ କାଗଜପତ୍ର ଡାଉନ୍‌ଲୋଡ୍ କରିବା ସୁବିଧା ଉପଲବ୍ଧ କରିବାକୁ ଯାଉଛନ୍ତି ।

ଆଦିବାସୀମାନଙ୍କୁ ସଂଗଠିତ କରି ବ୍ରିଟିଶ ବିରୁଦ୍ଧରେ ଦୁର୍ବାର ସଶସ୍ତ୍ର ସଂଗ୍ରାମ କରିଥିଲେ ବିର୍ସାମୁଣ୍ଡା

ଭୁବନେଶ୍ୱର,୧୬/୧୧ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀମାନଙ୍କୁ ଏକତ୍ରିତ କରି ବଙ୍ଗ, ବିହାର ଓ ଓଡ଼ିଶାରେ ବନବାସୀ ପ୍ରଜାମାନଙ୍କୁ ନେଇ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଦୁର୍ବାର ବିଦ୍ରୋହ କରିଥିବା ଶହୀଦ ବିର୍ସା ମୁଣ୍ଡାଙ୍କ ୧୪୬ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ମୈତ୍ରୀବିହାରସ୍ଥିତ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍

ସଭ୍ୟ ସମାଜ ଓ ଆତଙ୍କର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଅସରଫ ଗନି ଦେଶ ଛାଡି ଚାଲିଯିବା ପରେ ଏକଥା ସ୍ପଷ୍ଟ ହୋଇଗଲା ଯେ, ସେ କେବଳ ଶାସନରେ ରହି ଆର୍ଥିକ ଦୋହନ କରିବାକୁ ଚାହୁଁଥିଲେ। ଯେତେବେଳେ ଦେଶ ସଙ୍କଟରେ ପଡିଥାଏ ସେତେବେଳେ ଶାସନ ମୁଖ୍ୟଙ୍କ ମାନସିକତା ନଜରକୁ ଆସିଥାଏ। ଏଭଳି ଲୋକଙ୍କ କାର୍ଯ୍ୟଶୈଳୀ କାରଣରୁ ଶାସକ ବଦନାମ ହୋଇଥାନ୍ତି ଓ ଚରମପନ୍ଥୀମାନଙ୍କର ବିକୃତ ମାନସିକତା ଓ କ୍ରୂରତାକୁ ପ୍ରୋତ୍ସାହନ ମିଳିଥା,। ଇସଲାମ ଧର୍ମରେ ଯେ ସହିଷ୍ଣୁ ବା ଉଦାରବାଦୀ ଲୋକ ନାହାଁନ୍ତି ତା ନୁହେଁ କିନ୍ତୁ ସମଗ୍ର ଇସଲାମ ସମୁଦାୟ ଠାରୁ ଏଭଳି କାରଣ ପାଇଁ ଅନ୍ୟ ଧର୍ମର ଲୋକେ ଦୂରେଇ ଯାଇଥାନ୍ତି। ଆଫଗାନିସ୍ତାନର ଅବସ୍ଥାକୁ ଦେଖି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ କହିଥିଲେ ଯେ, ଯେତେବେଳେ ତାଲିବାନୀଙ୍କ ବିରୁଦ୍ଧରେ ଆଫଗାନ ସେନା ଲଢିବାକୁ ପ୍ରସ୍ତୁତ ନୁହଁନ୍ତି ସେତେବେଳେ ଆମେରିକାର ସେନା ଯୁଦ୍ଧକରିବ କାହିଁକି? ଆଧୁନିକ ଯୁଗରେ ଯେତେବେଳେ ବିଜ୍ଞାନ ତଥା ବୈଷୟିକ ଜ୍ଞାନ କୌଶଳ ସବୁ ଧର୍ମ ବାବଦରେ ସମାଜକୁ ସଚେତନ କରାଇବାରେ ଲାଗିଛି ସେତେବେଳେ ଇସଲାମିକ୍ ସଂକୀର୍ଣ୍ଣତା କମ୍ ହେବା ପରିବର୍ତ୍ତେ ବଢିବାରେ ଲାଗିଛି। ଏକ ଆତଙ୍କବାଦୀ ସଂଗଠନ ଯେତେବେଳେ ଧର୍ମ ଆଧାରରେ ଗୋଟିଏ ଦେଶକୁ କବ୍‌ଜା କରିନେଲା ସେତେବେଳେ ଏକଥା ମଧ୍ୟ କହିହେବ ନାହିଁ ଯେ ଧର୍ମ ଏବଂ ଆତଙ୍କ ମଧ୍ୟରେ ସମ୍ପର୍କ ନାହିଁ। ଏଭଳି ଆତଙ୍କବାଦୀ ସଂଗଠନମାନେ ଆଫଗାନରୁ ଶିକ୍ଷାଲାଭ କରି ଅନ୍ୟଦେଶକୁ କବ୍‌ଜା କରିବାକୁ ଚାହିଁବେ ନିଶ୍ଚୟ। ସବୁଠାରୁ ବଡ଼ କଥା ହେଉଛି ଆତଙ୍କବାଦୀଙ୍କ ନିକଟରେ ଘାତବ ଅସ୍ତ୍ରଶସ୍ତ୍ରର ଉପଲବ୍ଧତା। ଘାତକ ଅସ୍ତ୍ରଶସ୍ତ୍ର ସେମାନଙ୍କ ନିକଟରେ ପହଞ୍ଚିଯାଉଥିବାରୁ ସେମାନେ ଉତ୍ପାତ କରୁଛନ୍ତି। ସାମାଜିକ ଗଣମାଧ୍ୟମ ଏଭଳି ଘଟଣା ସବୁକୁ ପ୍ରୋତ୍ସାହିତ କରି ଏକପ୍ରକାର ମାନବତା ବିରୋଧୀ ଭୂମିକାରେ ରହିଛି। ଏବେ ଏଭଳି ସମୟ ଆସିଛି ଯେଉଁ ସମୟରେ ବ୍ୟକ୍ତିର ଧୈର୍ଯ୍ୟ, ସଂଯମ ଏବଂ ବିବେକ ଖୁବଶୀଘ୍ର ଭାଙ୍ଗିଯାଉଛି। ଏସବୁ କାରଣରୁ ବୋଧହୁଏ ବିଶ୍ୱରେ ଏମିତି କୌଣସି ଦେଶ ଅଛି ଯେଉଁଠି ହିଂସା, ଅଶାନ୍ତି, ଉପଦ୍ରବ ଏବଂ ରକ୍ତପାତ ନାହିଁ। ଆତଙ୍କବାଦୀ ମାନଙ୍କୁ ଯେଭଳି କିଛି ଦେଶ ପ୍ରୋତ୍ସାହନ ଯୋଗାଉଛନ୍ତି ସେଥିରୁ ସ୍ପଷ୍ଟ ଯେ, ଆଗାମୀ ଦିନରେ ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ମଧ୍ୟ ପହଞ୍ଚିଯିବ ଓ ମହାବିନାଶର ଚରମ ଲୀଳା ବିଶ୍ୱ ଦେଖିବ।

+ ରାମଚନ୍ଦ୍ରପୁର, ରଣପୁର
(ମୋ)୯୪୩୮୪୮୫୦୯୪

ଦୁର୍ଘଟଣାରେ ଚାଷୀ ମୃତ

ବାଲେଶ୍ୱର,୧୬/୧୧ (ନି.ପ୍ର): ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଭୀମପୁର ଗ୍ରାମର ଜନୈକ ଚାଷୀଙ୍କର ଗତକାଲି ରାତିରେ ମୃତ୍ୟୁ ହୋଇଯାଇଛି। ମୃତ ଚାଷୀ ଜଣକ ହେଲେ ସଦର ଥାନା ଅନ୍ତର୍ଗତ ଭୀମପୁର କୁମାରସାହିର ସ୍ୱର୍ଗତ ବନମାଳି ରଣାଙ୍କ ସାନପୁଅ ନାରାୟଣ ପ୍ରସାଦ ରଣା (୫୩)। ରବିବାର ଅପରାହ୍ନରେ ଜମିରୁ ବାଲୁଙ୍ଗା ଘାସ ନେଇ ଘରକୁ ଫେରୁଥିବା ବେଳେ ବାଇକରେ ଆସୁଥିବା ସେହିଗ୍ରାମର ଟୁକୁନୁ ଦାଶ ନାମକ ଯୁବକ ତାଙ୍କୁ ପଛରୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରେ ସେ ତଳେ ପଡ଼ିଯିବା ବେଳେ ମୁଣ୍ଡର ପଛପଟ କଂକ୍ରିଟ ରାସ୍ତାର ଧାରରେ ବାଜି ଥିଲା। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକର ଷ୍ଟାର ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଚକିତ୍ସାଧୀନ ଅବସ୍ଥାରେ ସୋମବାର ରାତି ୯ଟା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ଭୀମପୁର ଅଞ୍ଚଳରେ ଜଣେ ଅଗ୍ରଣୀ ଚାଷୀ ଭାବେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ନାରାୟଣଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ପଡ଼ିଥିବା ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି।

କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୭ ଗିରଫ

ଭୁବନେଶ୍ୱର,୧୬/୧୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୩ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୭୮୦ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୪,୩୪,୭୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

ଚିତ୍ତରଞ୍ଜନ ନାହକଙ୍କ ଡକ୍ଟରେଟ୍ ଲାଭ

ଭୁବନେଶ୍ୱର,୧୬/୧୧ (ନି.ପ୍ର): ଚିତ୍ତରଞ୍ଜନ ନାହକ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ତୁଳନାତ୍ମକ ସାହିତ୍ୟରେ ଗବେଷଣା କରି ପିଏଚ୍‌ଡି ଉପାଧି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶ୍ରୀଯୁକ୍ତ ନାହକ 'ସସୁମିତ୍ରା ନନ୍ଦନ ପନ୍ତ ଏବଂ ସଚ୍ଚିଦାନନ୍ଦ ରାଉତରାୟ କେ କାବ୍ୟ କି ମାନବତାବାଦୀ ପ୍ରବୃତ୍ତିୟୋଂ କା ତୁଳନାତ୍ମକ ଅଧ୍ୟୟନ' ଶୀର୍ଷକ ଉପରେ ପଶ୍ଚିମବଙ୍ଗ ହିନ୍ଦୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଦାମୋଦର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ। ଉକ୍ତ ଗବେଷଣାତ୍ମକ ନିବନ୍ଧ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ (ଉତ୍ତରପ୍ରଦେଶ)ର ହିନ୍ଦୀ ବିଭାଗର ମୁଖ୍ୟ ତଥା ବରିଷ୍ଠ ପ୍ରଫେସର ଡ. ପବନ ଅଗ୍ରୱାଲ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ବରିଷ୍ଠ ପ୍ରଫେସର ଡ. ମୋହନଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଅଛି। ଡକ୍ଟର ଚିତ୍ତରଞ୍ଜନ ନାହକ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନିକଟସ୍ଥ ଫୁଲଟା ଗ୍ରାମର ସ୍ୱର୍ଗୀୟ ବୁଧିଆ ନାହକ ଓ ଶ୍ରୀମତୀ ଧୋବୁଣୀ ନାହକଙ୍କ ଜୈଷ୍ଠ ପୁତ୍ର ଏବଂ ଶ୍ରୀ ନବଘନ ନାହକ ଓ ଶ୍ରୀମତୀ ସରୋଜିନୀ ନାହକଙ୍କ ଜାମାତା ଅଟନ୍ତି। ସଂପ୍ରତି ଡକ୍ଟର ନାହକ ମିନିରତ୍ନ କମ୍ପାନୀ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍) ମୁଖ୍ୟାଳୟର ଜନ ସମ୍ପର୍କ ବିଭାଗରେ ବରିଷ୍ଠ ହିନ୍ଦି ଅନୁବାଦକ ପଦବୀରେ କାର୍ଯ୍ୟରତ। ଏହାର ଶ୍ରେୟ ସେ ନିଜର ମାର୍ଗଦର୍ଶକ ପ୍ରଫେସର ଡ. ଦାମୋଦର ମିଶ୍ର, ଉପ ମହାପ୍ରବନ୍ଧକ (ବିଭ) ଶ୍ରୀ ଡିକେନ୍ ମେହେରା, ଏମ.ସି.ଏଲର ଜନସମ୍ପର୍କ ବିଭାଗର ସଦସ୍ୟ ଓ ନିଜର ମାତା-ପିତା, ଧର୍ମପତ୍ନୀ ଶ୍ରୀମତୀ ତପସ୍ୱିନୀ ନାହକ, ଭାଇ ଓ ଭଉଣିଙ୍କୁ ଦେବା ସହ ଭଗବାନ ଶିବ ଶଙ୍କର ଓ ସର୍ବ ଦେବାଦେବୀଙ୍କୁ ଭକ୍ତିପୁତ ପ୍ରାର୍ଥନ ଜଣାଇଛନ୍ତି।

ସୈନିକ ଦେଶ ରକ୍ଷା କରେ ଓ ସାମ୍ବାଦିକ ଦେଶ ଗଠନ କରେ

ଜଳେଶ୍ୱର, ୧୬/୧୧(ନି.ପ୍ର) : ଜାତୀୟ ପ୍ରେସ୍ ଦିବସ ଅବସରରେ ଆଜି ମଂଗଳବାର ବାଲେଶ୍ୱର ଜିଲାର ଜଳେଶ୍ୱର ସ୍ଥିତ ପୂର୍ତ୍ତବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ସୈନିକ ଦେଶ ରକ୍ଷା କରୁଥିବା ବେଳେ ସାମ୍ବାଦିକ ଦେଶ ଗଠନ କରିଥାଏ ବୋଲି ମତପ୍ରକାଶ ପାଇଛି। ଉତ୍ତର ଓଡିଶା ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ୍ କ୍ଲବର ସଭାପତି ଅବନୀ ଚାନ୍ଦ ପୌରହିତ୍ୟ କରି ସାମ୍ବାଦିକମାନେ ଏକତାବଦ୍ଧଭାବେ କାର୍ଯ୍ୟ କରି କଲମକୁ ବଲମ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ପ୍ରେସ୍‌କ୍ଲବର ସଂପାଦକ ପତିତପାବନ ପ୍ରଧାନ, ବରିଷ୍ଠ ବିଜେପି ନେତା ଅରୁଣ ବେଜ, ନିତ୍ୟାନନ୍ଦ ଦାସ, କଂଗ୍ରେସ ନେତା ରିଆଜ୍ ଖାଁ, ବିଜେଡି ଯୁବନେତା କାଳିଚରଣ ଦାସ ଓ ପୂର୍ତ୍ତବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଅଶୋକ କୁମାର ପଣ୍ଡା ଯୋଗ ଦେଇ ସମ୍ବାଦାତାମାନଙ୍କ ବିଭିନ୍ନ ସମସ୍ୟା ଓସୁରକ୍ଷା ସଂପର୍କରେ ଆଲୋଚନା କରିଥିଲେ। ଭାରତୀୟ ସମ୍ବିଧାନକୁ ସୁରକ୍ଷା ଓ ସମ୍ମାନ ଦେଇ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ତଥା ଆଇନ୍‌ଜିବୀ ଶ୍ରୀକୃଷ୍ଣ ଗୁପ୍ତା, ବରିଷ୍ଠ ସାମ୍ବାଦିକ ଅମର ମହାନ୍ତି, ଅରୁଣ ଜେନା, ଦିଲ୍ଲିପ ଦାସ, ରବିନାରାୟଣ ପାତ୍ର, ଦୀନବଂଧୁ ପ୍ରଧାନ, ମୃତ୍ୟୁଞ୍ଜୟ ଦାସ, ମନୋରଂଜନ ଦାସ, ହାସିରୁଦ୍ଦିନ ବକ୍ତ ପ୍ରମୁଖ ବକ୍ତବ୍ୟ ରଖି ସମ୍ବିଧାନର ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଭଳି ୩ଟି ସ୍ତମ୍ଭ ରହିଥିବା ବେଳେ ଗଣମାଧ୍ୟମକୁ ୪ର୍ଥ ସ୍ତମ୍ଭ ମାନ୍ୟତା ଦେବା ସହିତ ସାମ୍ବାଦିକତା ବୃତ୍ତି ନୁହେଁ ବରଂ ବ୍ରତ ହେବା ଉଚିତ୍ ବୋଲି କହିଥିଲେ। ଏଥିରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ବ୍ଲକର ବହୁ ସମ୍ବାଦିକମାନେ ଅଂଶ ଗ୍ରହଣ କରିଥିଲେ।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଗଣମାଧ୍ୟମର ଭୂମିକା



ଭୁବନେଶ୍ୱର,୧୬/୧୧ (ନି.ପ୍ର): ଜାତୀୟ ପ୍ରେସ ଦିବସ ଅବସରରେ ସ୍ୱାଧୀନତା ସଂଗ୍ରାମରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ପତ୍ରସୂଚନା କାର୍ଯ୍ୟାଳୟ ଭୁବନେଶ୍ୱର ଓ ଆଂଚଳିକ କ୍ଷେତ୍ରପ୍ରଚାର ବ୍ୟୁରୋ ପକ୍ଷରୁ ଆୟୋଜିତ ଏହି ୱେବିନାରରେ ବହୁ ବିଶିଷ୍ଟ ବକ୍ତା ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନକୁ ଲୋକଭିମୁଖୀ କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ପ୍ରାରମ୍ଭିକ ଅଭିଭାଷଣ ଦେଇ ପତ୍ରସୂଚନା କାର୍ଯ୍ୟାଳୟ, ଭୁବନେଶ୍ୱର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ସ୍ୱାଧୀନତା ଆନ୍ଦୋଳନ କାଳରେ ଗଣମାଧ୍ୟମଗୁଡିକୁ ଇଂରେଜ ଶାସକମାନଙ୍କ ଆକ୍ରୋଶର କିପରି ଶୀକାର ହେବାକୁ ପଡିଥିଲା ତା'ର ନଜିରମାନ ଦେଇଥିଲେ। ଏପରିକି ସ୍ୱାଧୀନତା ସଂଗ୍ରାମ ଗଣମାଧ୍ୟମ ଜରିଆରେ ଅଧିକ ଲୋକାଭିମୁଖୀ ହେଉଥିବାରୁ ଭର୍ଣ୍ଣାକୁଲାର ପ୍ରେସ ଆଇନ ମଧ୍ୟ ଲାଗୁ କରିବାକୁ ହୋଇଥିଲା। ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ଯେପରି ମୁଣ୍ଡ ଟେକିବା ଆରମ୍ଭ କରିଛି ଗଣମାଧ୍ୟମରେ ତଥ୍ୟ ଯାଂଚ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିରେ ଯୋଗଦେଇ ବରିଷ୍ଠ ଆଇନଜ୍ଞ ଓ ଲେଖକ ଶ୍ରୀ ସଦାଶିବ ଦାସ ସ୍ୱାଧୀନତା ଆନ୍ଦୋଳନ୍ କାଳରେ ଜଗଜାଗରଣ ସୃଷ୍ଟି କରିବାରେ ସେତେବେଳେ ଗଣମାଧ୍ୟମ ବୋଇଲେ ମୁଖ୍ୟତଃ ଖବରକାଗଜ, ପୋଷ୍ଟର ଇତ୍ୟାଦିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ଓଡିଶାରେ ମଧ୍ୟ କର୍ମବୀର ଗୌରୀଶଙ୍କର ବା ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଲେଖାମାନ ବେଶ୍ ଆଦୃତ ହେଉଥିଲା। ସମ୍ବାଦଗୁଡିକ ଆନ୍ଦୋଳନର ଅଗ୍ନି ସଂଯୋଗକାରୀ ଭାବେ କାର୍ଯ୍ୟ କରୁଥିଲେ ବୋଲି ସେ କହିଥିଲେ। ଏଥିରେ ଯୋଗଦେଇ ବିଶିଷ୍ଟ କବି ଓ ସାମ୍ବାଦିକ ଶ୍ରୀ ପୀତାମ୍ବର ତରାଇ ଜନସଚେତନତାର ବାର୍ତାବହ ଭାବେ ସ୍ୱାଧୀନତା ସଂଗ୍ରାମରେ ଖବରକାଗଜ ଖୁବ୍ ଉପାଦେୟ ଭୂମିକା ତୁଲାଇଥିଲା ବୋଲି କହିଥିଲେ। ୱେବିନାରେ ଅଂଶଗ୍ରହଣ କରି କିଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଶ୍ରୀମତୀ ରୁବି ନନ୍ଦ କହିଥିଲେ ଯେ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ପହଂଚାଇବାରେ ଗଣମାଧ୍ୟମ ସ୍ୱାଧୀନତା ସଂଗ୍ରାମ କାଳରେ ବଳିଷ୍ଠ ଭୂମିକା ତୁଲାଇଥିଲା। ପ୍ରେସ ସେତେବେଳେ ଗୋଟେ ମିଶନ ମୋଡ କାର୍ଯ୍ୟ ଥିବାରୁ ଏହା ବେଶ୍ ଜନାଭିମୁଖୀ ହୋଇପାରିଥିଲା। ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଗଣମାଧ୍ୟମ ସହ ସାମାଜିକ ଗଣମାଧ୍ୟମକୁ ନ ଯୋଡିବାକୁ ସେ ପରାମର୍ଶ ଦେଇଥିଲେ। ଆଂଚଳିକ କ୍ଷେତ୍ରପ୍ରଚାର ବ୍ୟୁରୋର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ୱେବିନାରରେ ଶ୍ରୀମତୀ ଆନ୍ନି ଶତପଥୀ ଏହାକୁ ପରିଚାଳନା କରିଥିବାବେଳେ, ଆଂଚଳିକ କ୍ଷେତ୍ରପ୍ରଚାର ବ୍ୟୁରୋ କ୍ଷେତ୍ର ପ୍ରଦର୍ଶନ ଅଧିକାରୀ ଶ୍ରୀ ମହେନ୍ଦ୍ର ପ୍ରସାଦ ଜେନା ସ୍ୱାଗତ ଭାଷଣ ଦେଇଥିଲେ।

ବିଭିନ୍ନ ମନ୍ଦିର ପ୍ରାଙ୍ଗଣ ସଫେଇ କଲେ ସାଇ ସୋସିଆଲ ସର୍ଭିସ ଓ ରାଧାକୃଷ୍ଣ ସଂଗଠନ

ଜଳେଶ୍ୱର, ୧୬/୧୧(ନି.ପ୍ର): ସ୍ୱଚ୍ଛ ଭାରତ ଅଭିଯାନରେ ବାଲେଶ୍ୱର ଜିଲାର ଜଳେଶ୍ୱର ସ୍ଥିତ ନାମ୍ପୋ ଗ୍ରାମର ସାଇ ସୋସିଆଲ ସର୍ଭିସ ସଂଗଠନ ଓ ରାଧାକୃଷ୍ଣ କ୍ଲବ ପକ୍ଷରୁ ଗ୍ରାମର କୁଞ୍ଜପଡିଆଠାରେ ଥିବା ମହାଦେବ ମନ୍ଦିର, ବଜରଙ୍ଗବାଲି ମନ୍ଦିର, ମା ଶୀତଳା ମନ୍ଦିର ଓ ଭାଗବତ ଟୁଙ୍ଗି ଇତ୍ୟାଦିକୁ ସଫେଇ କରିଥିଲେ। ଏହାର ଆଖପାଖ ଅଂଚଳ ସଫା କରିବା ସହିତ ସ୍ଥାନୀୟ ଅଂଚଳବାସୀଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଇ ସୋସିଆଲ ସର୍ଭିସର ସଭାପତି ଶଶିଶେଖର ଜେନା, ସଂପାଦକ ଲୋପାମୁଦ୍ରା ରାଉଳ, ଉପଦେଷ୍ଟା ଅରୁଣ ରାଉଳ, ସତ୍ୟରଂଜନ ଦତ୍ତ, ତାପସୀ ରାଉଳ, ଅର୍ଚ୍ଚନା ରାଉଳ, ଅବିନାଶ ଜେନା ଙ୍କ ସହିତ ରାଧାକୃଷ୍ଣ କ୍ଲବର ସଭାପତି ମାନସ ଭୂୟାଁ, ସଂପାଦକ ବନମାଳୀ ଭୂୟାଁ, ସାଧାରଣ ସଂପାଦକ ଜଗଦୀଶ ଘଡେଇ, ସପନ ଭୂୟାଁ, ନିର୍ମଳ ରଣା, ଶ୍ରବଣ ଜେନା, ତାରାଶଂକର ଘଡାଇ, ଉଜ୍ଜଳ ବାରିକ, ନିରଞ୍ଜନ ରଣା, ତାରାଶଂକର ସାହୁ, ପଂଚାନନ ରଣା, କାର୍ତ୍ତିକ ସିଂହ,ବଳରାମ ଜେନା, ଚନ୍ଦନ ପରିଡା ପ୍ରମୁଖ ବହୁ ସଦସ୍ୟ ସାମିଲ ଥିଲେ।

ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ

ବାଲେଶ୍ୱର,୧୬/୧୧ (ନି.ପ୍ର): ବଲେଶ୍ୱର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ-୨୦୨୧ ସ୍ଥାନୀୟ ସଦଭାବନା ସଭାଗୃହରେ ମଙ୍ଗଳବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ସଭାପତିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ ସହ ଚଳିତ ବର୍ଷର ପ୍ରସଙ୍ଗ "ମହାମାରୀ ସମୟରେ ଗଣମାଧ୍ୟମ ଏକ ନୂତନ ଆହ୍ୱାନ" ସମ୍ପର୍କରେ ଆଲୋଚନା କରିଥିଲେ। କରୋନା ମହାମାରୀ ସମୟରେ ଗଣମାଧ୍ୟମର ଭୂମିକାକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସାଙ୍ଗକୁ ପ୍ରତି କ୍ଷେତ୍ରରେ ପ୍ରଶାସନକୁ ସହଯୋଗର ହାତ ବଢାଇ ଚାଲିଥିବା ବାଲେଶ୍ୱରର ସାମ୍ବାଦିକମାନେ ଧନ୍ୟବାଦର ପାତ୍ର ବୋଲି ସେ କହିଥିଲେ। ଗଣମାଧ୍ୟମର ଖବର ପ୍ରସାରଣ ଓ ସମାଲୋଚନାକୁ ସବୁବେଳେ ସକରାତ୍ମକ ଭାବେ ଗ୍ରହଣ କରି ଆବଶ୍ୟକତା ଅନୁଯାୟୀ ଜିଲା ପ୍ରଶାସନ ପଦକ୍ଷେପ ନେଇଥିବା ସେ ପ୍ରକାଶ କରିଥିଲେ। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସଙ୍ଗୀତା ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ମହାମାରୀ ସମୟରେ ଗଣମାଧ୍ୟମ ଆଗରେ ଯେଉଁ ସବୁ ନୂତନ ଆହ୍ୱାନ ଦେଖାଦେଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ଯେଉଁଭଳି ଭାବେ ଜନସାଧାରଣଙ୍କୁ ସୂଚନା ପ୍ରଦାନ ସହ ସଚେତନ କରିଥିଲେ ସେଥି ପାଇଁ ଅନେକ ଜୀବନ ରକ୍ଷା ହୋଇପାରିଥିବା ସେ ମତବ୍ୟକ୍ତ କରିଥିଲେ। ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମର ଉଚିତ ସହଯୋଗ ଯୋଗୁଁ ଜିଲା ପ୍ରଶାସନ ବହୁ କ୍ଷେତ୍ରରେ ସଠିକ ପଦକ୍ଷେପ ନେଇ ପାରିଥିବା ପ୍ରକାଶ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ହୀରାକୁଦ ଡ୍ୟାମ ବିସ୍ଥାପିତଙ୍କ ....

ପାଇଁ ବିସ୍ଥାପିତ ହୋଇଥିବା ପ୍ରବାସୀ ଏବେ ମଧ୍ୟ ଦୁଃଖ ଓ ଯନ୍ତ୍ରଣାରେ ଜୀବନ ଅତିବାହିତ କରୁଛନ୍ତି। ଭାତହାଣ୍ଡିରେ ଗୋଟିଏ ଚାଉଳ ଚିପିଲା ପରି ବିସ୍ଥାପିତଙ୍କ ଭିତରେ ଜଣେ ହେଉଛନ୍ତି ରକ୍ମିଣୀ ଭୁଏ। ହୀରାକୁଦ ଡ୍ୟାମ୍?ର ନୀଳ ଜଳରାଶି ଭିତରେ ଥିବା ତିହୁରା ଗାଁରେ ଥିଲା ତାଙ୍କ ଘର। ଜମି ବଦଳରେ ଜମି ମିଳିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଛାଡ଼ିଥିଲେ ସା

ବାଲେଶ୍ୱର, ବୁଧବାର, ୧୭ ନଭେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଟିକାକରଣରେ ଜାତୀୟ ହାରଠୁ ଆଗରେ ଓଡିଶା

ଭୁବନେଶ୍ୱର,୧୬/୧୧ (ନି.ପ୍ର): ଓଡ଼ିଶା କୋଭିଡ୍ ଟିକାକରଣରେ ମାଇଲଖୁଂଟ ଅତିକ୍ରମ କରିଛି।ଏବେ ସୁଦ୍ଧା ଓଡ଼ିଶାରେ ୪ କୋଟି ୩ ଲକ୍ଷ ଟିକାକରଣ ହୋଇଛି। ଟିକାକରଣରେ ଓଡିଶା ଜାତୀୟ ହାର ଠାରୁ ମଧ୍ୟ ଆଗରେ ଅଛି। ପ୍ରଥମ ଡୋଜ୍ ଦେବାରେ ଜାତୀୟ ହାର ୭୯.୮% ରହିଥିବା ବେଳେ ରାଜ୍ୟରେ ଏହା ୮୨.୪% । ସେହିପରି ଦ୍ୱିତୀୟ ଡୋଜ୍ ଦେବାରେ ଜାତୀୟ ହାର ୩୮.୪% ରହିଥିବା ବେଳେ ରାଜ୍ୟ ହାର ୪୧.୫% ରହିଛି।ଏହା ବ୍ୟତୀତ ଟିକା ନଷ୍ଟ ହାର ମାଇନସ୍ ୫.୩ ପ୍ରତିଶତ ରହିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । କୋଭିଡ୍ ଟିକାକରଣକୁ ନେଇ ମଙ୍ଗଳବାର ଦିନ ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦିଆଯାଇଥିବା ସୂଚନା ଅନୁଯାୟୀ ରାଜ୍ୟରେ ଏପର୍ଯ୍ୟନ୍ତ ୨କୋଟି ୬୮ ଲକ୍ଷ ୪ହଜାର୭୫୫ ଲୋକଙ୍କୁ ପ୍ରଥମ ଡୋଜ୍ ଦିଆଯାଇଛି। ୧ କୋଟି ୩୪ ଲକ୍ଷ ୯୬ହଜାର ୫୯ ଜଣ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି । ଟିକାକରଣର ଜାତୀୟ ହାର ଅପେକ୍ଷା ରାଜ୍ୟ ହାର ଅଧିକ ରହିଛି । ଏହି ସୂଚନା ମିଳିଛି । ପ୍ରଥମ ଡୋଜ୍ ଟିକାକରଣରେ ଜାତୀୟ ହାର ୭୯.୮ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ପ୍ରଥମ ଡୋଜ୍ ଟିକାକରଣ ହାର ରହିଛି ୮୨.୪ ପ୍ରତିଶତ। ସେହିପରି ଦ୍ୱିତୀୟ ଡୋଜ୍ ଟିକାକରଣରେ ଜାତୀୟ ହାର ୩୮.୪ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ୪୧.୫ ପ୍ରତିଶତରହିଛି । ନଭେମ୍ବର ୩୦ ସୁଦ୍ଧା ୯୦ ପ୍ରତିଶତ ଲୋକଙ୍କୁ ପ୍ରଥମ ଡୋଜ୍ ଟିକାକରଣ ଲକ୍ଷ୍ୟ ରଖାଯାଇଛି । ଅନ୍ୟ ପକ୍ଷରେ ଟିକାର ଅପଚୟ ରାଜ୍ୟରେ ବହୁତ କମ୍ ହୋଇଥିବାରୁ ଏହାକୁ ପ୍ରଶଂସା କରିଛନ୍ତି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଲିନୀ ପଣ୍ଡିତ । ରାଜ୍ୟରେ ଟିକାର ପରିବହନକୁ ଅତ୍ୟନ୍ତ ବ୍ୟବସ୍ଥିତ ଢଙ୍ଗରେ କରାଯାଇଥିବାରୁ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ କୁଶଳ ଟିକାକରଣ ଯୋଗୁଁ ରାଜ୍ୟରେ ଟିକାର ଅପଚୟ କମ୍ ହୋଇଥିବା ସେ କହିଛନ୍ତି । ରାଜ୍ୟରେ ମାଇନସ୍ ୫.୩ ପ୍ରତିଶତ ଟିକା ନଷ୍ଟ ହୋଇଛି। ରାଜ୍ୟ ପ୍ରାୟ ୨୦ ଲକ୍ଷ କରୋନା ଡୋଜ୍ ର ଅପଚୟକୁ ରୋକିପାରିଛି ।

ଇପିଏଫ ପେନସନର୍ସ ଆସୋସିଏସନ ପକ୍ଷରୁ ଧାରଣା

ବାଲେଶ୍ୱର,୧୬/୧୧ (ନି.ପ୍ର): 'ଇପିଏଫ ପେନସନରର୍ସ ଆସୋସିଏସନ' ଆହ୍ୱାନକ୍ରମେ ବିଭିନ୍ନ ଦାବି ନେଇ ଦେଶବ୍ୟାପୀ ପ୍ରତିବାଦ ଓ ଗଣଧାରଣା କରାଯାଉଥିବା ବେଳେ ବାଲେଶ୍ୱରରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ୩ଶହରୁ ଉର୍ଦ୍ଧ୍ୱ ପେନସନଭୋଗୀ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଣଧାରଣା ଦେଇଥିଲେ। ଆସୋସିଏସନର ଜିଲା ସଭାପତି ଇଂ. ଅନାଦି ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ସ୍ୱଳ୍ପ ପେନସନଭୋଗୀ ବରିଷ୍ଠ ନାଗରିକମାନଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବିଚାର ବିରୋଧରେ ସମସ୍ତଙ୍କୁ ଅବଗତ କରିଥିଲେ। ଜିଲା ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ସଙ୍ଗଠନର ଦାବିର ଯଥାର୍ଥତା ଓ ରାଜ୍ୟ କମିଟିର ଆହ୍ୱାନ ସମ୍ପର୍କରେ ସୂଚନା ଦେଇଥିଲେ। ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ଜିଲା ସମ୍ପାଦକ ଇଂ. ବନମାଳି ନାୟକ, ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୀତାରାମ ପ୍ରଧାନ, ଡାକକର୍ମଚାରୀ ନେତା ଗୋପାଳଚନ୍ଦ୍ର ପଢ଼ିଆରୀ, ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ, ସମାଜସେବୀ ନିରଞ୍ଜନ ରାଉତ ଓ ଆଇନଜୀବୀ ନିରଞ୍ଜନ ପରିଡ଼ା ପ୍ରମୁଖ ଏହି ଗଣଧାରଣା ଓ ପ୍ରତିବାଦ ସଭାରେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଇପିଏଫ ପେନସନଭୋଗୀ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପ୍ରତି ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ବୃଦ୍ଧି ପାଇ ଚାଲିଥିବା ବେଳେ ମାସିକ ହଜାରେ କିମ୍ବା ୧୨ଶହ ଟଙ୍କାର ଭତ୍ତା ପେନସନଭୋଗୀଙ୍କ କଷ୍ଟକୁ ଦ୍ୱିଗୁଣିତ କରିଛି ବୋଲି ସେମାନେ କହିଥିଲେ। ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ଏନେଇ ଉଚିତ ପଦକ୍ଷେପ ନ ନେବା ଦୁର୍ଭଗ୍ୟର ବିଷୟ ବୋଲି ବକ୍ତାମାନେ କ୍ଷୋଭର ସହ ପ୍ରକାଶ କରିଥିଲେ। ବହୁ କର୍ମଚାରୀ ଆର୍ଥିକ ଦୁରାବସ୍ଥାରୁ ଜରାଜନିତ ରୋଗର ଚିକିତ୍ସା ପାଇ ପାରୁନାହାନ୍ତି। ସେମାନଙ୍କ ଦାବି ପ୍ରତି ସରକାର ସୁବିଚାର ନକଲେ ଅନେକେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବେ ବୋଲି ସେମାନେ ଚେତାବନୀ ଦେଇଥିଲେ। ଅତିକମରେ ମାସିକ ପେନସନ ୯ହଜାର ଟଙ୍କାକୁ ବୃଦ୍ଧି କରିବା, ବେତନ ଅନୁପାତରେ ବର୍ଦ୍ଧିତ ପେନସନ ଦେବା, ମହଙ୍ଗାଭତ୍ତା ପ୍ରଦାନ ଓ ସମସ୍ତ ପନସନଭୋଗୀଙ୍କୁ ସରକାରୀ ସ୍ୱାସ୍ଥ୍ୟବୀମାଭୁକ୍ତ କରିବାକୁ ସଂଘ ପକ୍ଷରୁ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରତ୍ନାକର ପଣ୍ଡା, ହରିଶ ସାହୁ, ସନ୍ୟାସୀ ବେହେରା, ଅଶୋକ ଦାସ, ଅଧିଜିତ୍ ଦାସ, ଭୂପତି ଭୂଷଣ ଦାଶ, ଅନିରୁଦ୍ଧ ମହାନ୍ତି, ମାୟାଧର ନାୟକ, ଶ୍ୟାମସୁନ୍ଦର ଜେନା, ସୁରେଶ ନନ୍ଦ ଓ ଆନନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉଦାସୀନତା ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତେବେ ଆସନ୍ତା ଡିସେମ୍ବର ୧୯ ତାରିଖ ଦିନ ଜିଲାସ୍ତରୀୟ ସମାବେଶରେ ଆଗାମୀ କାର୍ଯ୍ୟପନ୍ଥା ଘୋଷଣା କରାଯିବ ବୋଲି ଜିଲା ସମ୍ପାଦକ ଶ୍ରୀ ମହାନ୍ତି ଏଥିରେ ସୂଚନା ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା ସୂତାକଳ, ଝୋଟକଳ, ବିରଳା ଟାୟାର୍ସ, ଇମାମି ପେପର, ଇସ୍ପାତ ଏଲୟେଜ୍, ସିଡ୍ କର୍ପୋରେସନ୍, ଆଗ୍ରୋ ଇଣ୍ଡଷ୍ଟ୍ରି, ଇମ୍ପା ପ୍ରଭୃତି ଶିଳ୍ପାନୁଷ୍ଠାନ ସମେତ ଉଠାଜଳସେଚନ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ, ସମବାୟ ବ୍ୟାଙ୍କ, ଭୂଉନ୍ନୟନ ବ୍ୟାଙ୍କ୍, ଓଡ଼ିଶା ସେଲସ ରିପ୍ରେଜେଣ୍ଟେଟିଭ୍, ଶାଳନ୍ଦୀ ପ୍ରୋଜେକ୍ଟ, ରାସ୍ତା ଓ ଗୃହନିର୍ମାଣ ବିଭାଗ ଏବଂ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନର ଅବସରପ୍ରାପ୍ତ କର୍ମଚାରୀମାନେ ଏହି ଗଣ ଧାରଣାରେ ସାମିଲ ହୋଇଥିଲେ।

ଗଣତନ୍ତ୍ରରେ ଗଣମାଧ୍ୟମର କଣ୍ଠରୋଧ କରିବା ବିଡମ୍ବନା

ବାଲିଆପାଳ ମିଡିଆ ଫୋରମର ଜାତୀୟ ପ୍ରେସ ଦିବସ

ବାଲିଆପାଳ,୧୬/୧୧ (ନି.ପ୍ର): ସାଂପ୍ରତିକ କାଳରେ ଅନେକ ଏକଛତ୍ରବାଦୀ ଶାସକ ଗଣମାଧ୍ୟମର କଣ୍ଠରୋଧ କରୁଥିବା ଦେଖିବାକୁ ମିଳୁଛି । ଫଳରେ ଜନଗଣଙ୍କ ସ୍ୱର ଗଣମାଧ୍ୟମରେ ପ୍ରତିଧ୍ୱନିତ ନ ହୋଇ ଚାପି ହୋଇଯାଉଛି । ଏପରିକି ଅନେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅନେକ ସରକାର ନିଜର ସ୍ୱାର୍ଥ ସାଧନ ପାଇଁ ଗଣମାଧ୍ୟମକୁ ବଳପ୍ରୟୋଗ କରି ଉପଯୋଗ କରୁଛନ୍ତି । ଏକବିଂଶ ଶତାବ୍ଦୀର ଏହା ସବୁଠୁ ବଳି ବଡ ବିଡମ୍ବନା ବୋଲି ମଙ୍ଗଳବାର ବାଲିଆପାଳ ମିଡିଆ ଫୋରମ ପକ୍ଷରୁ ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ସଭାଗୃହରେ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ବକ୍ତାମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ମିଡିଆ ଫୋରମ ସଭାପତି ପ୍ରତାପ କୁମାର ପାତ୍ରଙ୍କ ପୌରତହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ୟୋମକେଶ ସାହୁ ମଂଚଆହ୍ୱାନ ସୁକାନ୍ତ କୁମାର ଗିରି ଅତିଥିପରିଚୟ ସ୍ୱାଗତ ଭାଷଣ, ସଂପାଦକୀୟ ବିବରଣୀ ଅଜିତ ଦାସ ପ୍ରଦାନ କରିଥିଲେ । ରେବତୀ ପତ୍ରିକାର ସଂପାଦିକା ସୁବାସିନୀ ଜେନା, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳିପଦ ପଣ୍ଡା,ଲଙ୍ଗଳେଶ୍ୱର ସତସଂଘ କେନ୍ଦ୍ରର ସଂପାଦକ ସଞ୍ଜୟ କୁମାର ପାତ୍ର, ଭାଜପା ନେତା ଅରବିନ୍ଦ ବେହେରା,ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ଶିକ୍ଷାବିତ୍ କେଦାରନାଥ ମହାନ୍ତି, ଅଧ୍ୟାପକ ଦୟାନିଧି ସାହୁ,ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ ପ୍ରମୁଖ ବରେଣ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମ୍ବାଦିକତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସୁକାନ୍ତ କୁମାର ଗିରି, ଅଜୟ କୁମାର ସାହୁ, ପ୍ରଫୁଲ କୁମାର ପାତ୍ର ପ୍ରମୁଖଙ୍କୁ ପ୍ରଣବ ସାହୁ ସ୍ମୃତି ସାମ୍ବାଦିକ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ନୀଳଗିରିରେ ୫୫ତମ ଜାତୀୟ ପ୍ରେସ ଦିବସ ପାଳିତ

ନୀଳଗିରି,୧୬/୧୧ (ନି.ପ୍ର): ନୀଳଗିରି ସହରସ୍ଥିତ ଏନ.ଏ.ସି. କଲ୍ୟାଣମଣ୍ଡପ ପରିସରରେ ଉତ୍କଳ ସାମ୍ବାଦିକ ସଂଘ ନୀଳଗିରି ଶାଖା ପକ୍ଷରୁ ୫୫ତମ ଜାତୀୟ ପ୍ରେସ ଦିବସ ମଙ୍ଗଳବାର ଅପରାହ୍ନ ୫ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ ଏବଂ ଏଥିରେ ସାମ୍ବାଦିକ ମାନଙ୍କର ଭୂମିକା ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସନ୍ନିଧାନର ଚତୁର୍ଥସ୍ତମ୍ଭ ଗଣମାଧ୍ୟମ କିଭଳି ଭାବରେ ଦେଶ ମାତୃକାର ସେବା କରି ଉଚିତ ନ୍ୟାୟ ସାଧାରଣ ଜନତାକୁ ମିଳିପାରିବ ଏବଂ ଏଥିରେ ସାମ୍ବାଦିକ ମାନଙ୍କର ଭୂମିକାକୁ ମୁଖ୍ୟ ଅତିଥି ନୀଳଗିରିର ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସୂଚନ ଲୋକ ସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ନିଜ ଅଭିଭାଷଣରେ ସାମ୍ବାଦିକମାନେ ହେଉଛନ୍ତି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ବୋଲି ଆଖାୟିତ କରିଥିଲେ । ସମାଜସେବୀ ସବ୍ୟସାଚୀ ମହାପାତ୍ର ସାମ୍ବାଦିକମାନଙ୍କର କର୍ତ୍ତବ୍ୟକୁ ଭୂୟସୀପ୍ରଶଂସା କରିବା ସହିତ ତୃଣମୂଳସ୍ତରରେ ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ସହିତ କିଭଳି ସାମ୍ବାଦିକମାନେ ଜଡ଼ିତ ରହି ପ୍ରଶାସନିକସ୍ତରରେ ଏହାର ସମାଧାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ତାହାକୁ ସେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ରେ ଉତ୍କଳ ସାମ୍ବାଦିକ ବାଲେଶ୍ୱର ସଂଘର ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ ସାମ୍ବାଦିକ ମାନଙ୍କର ସୁରକ୍ଷା ପାଇଁ ରାଜ୍ୟ ସରକାର ଠାରେ ଦୃଢ଼ଦାବୀ ରଖିବା ପାଇଁ ପରାମର୍ଶ ଦେଇଥିଲେ । ବାଲେଶ୍ୱର ଶାଖାର ସଂପାଦକ ଲୋକନାଥ ଦଳେଇ ମଞ୍ଚପରିଚାଳନା କରିଥିଲା ବେଳେ ଗଣମାଧ୍ୟମ ସୁରକ୍ଷାରେ ସାମ୍ବାଦିକଙ୍କ ଭୂମିକା ନେଇ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ ।

ବାଙ୍କଚୂଡ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୧୬/୧୧ (ନି.ପ୍ର): ଦର୍ଶନାର୍ଥୀଙ୍କ ଲାଗି ଦୁଇ ଦିନ ବନ୍ଦ ରହିବା ପରେ ଆଜି ଚଳଚଞ୍ଚଳ ହୋଇଛି ଶ୍ରୀମନ୍ଦିର। ପଞ୍ଚକର ଦ୍ୱିତୀୟ ଦିବସ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନ ଉପରେ ବାମନ ବା ବାଙ୍କଚୂଡ ବେଶରେ ଦର୍ଶନାର୍ଥୀଙ୍କୁ ଦର୍ଶନ ଦେଇଛନ୍ତି । ମହାପ୍ରଭୁଙ୍କର ଏହି ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଶୃଙ୍ଖଳିତ ଦର୍ଶନ ଲାଗି ମରିଚିକୋଟ ଛକରୁ ବ୍ୟାରିକେଡ ନିର୍ମାଣ କରାଯାଇଥିଲା। ଦର୍ଶନାର୍ଥୀମାନେ ଶ୍ରୀମନ୍ଦିରରେ ପ୍ରବେଶ ଲାଗି ଦୁଇଡ଼ୋଜ୍ ଟିକା ନେଇଥିବା ପ୍ରମାଣପତ୍ର କିମ୍ବା ୯୬ ଘଣ୍ଟା ଅବଧି ମଧ୍ୟର କରୋନ ସଂକ୍ରମିତ ହୋଇନଥିବା ଡ଼ାକ୍ତରୀ ପ୍ରମାଣପତ୍ର ସହିତ ଆଧାରକାର୍ଡ଼ ଅଥବା ଭୋଟର ପରିଚୟପତ୍ର ଦେଖାଇ କିଓସ୍କରେ ସ୍କାନିଂ ପରେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ । ଦର୍ଶନପରେ ସେମାନେ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଅବକାଶ ନୀତି ବଢିବା ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପାଳକ, ପାଳିଆ ମେକାପ, ଚାଙ୍ଗଡା ମେକାପ ଓ ଖୁଣ୍ଟିଆ ସେବକମାନେ ବେଶ କରିଥିଲେ । ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ମସ୍ତକରେ ଚନ୍ଦ୍ରିକା ଚୂଳ ସହିତ ଦକ୍ଷିଣ ଆଡକୁ ଆଡଖୋସା ପଡିଥିଲା । ଏହି ଖୋସା ବେଣୀ ସଦୃଶ୍ୟ ଦୃଶ୍ୟମାନ ହେଉଥିଲା । ବେଣୀର ଅଗ୍ରଭାଗରେ ଖଞ୍ଜାଯାଇଥିଲା ସୁବର୍ଣ୍ଣ କିଆ । କପାଳର ଶୀର୍ଷ ଭାଗରେ ଶୋଭାପାଉଥିଲା ଛୋଟ ସ୍ୱର୍ଣ୍ଣ କିରିଟ । ଠିଆକିଆ ବେଶରେ ଲାଗିହେଉଥିବା ସ୍ୱର୍ଣ୍ଣ ଅଳଙ୍କାର ବାମନ ବେଶରେ ମଧ୍ୟ ଲାଗି କରାଯାଇଥିଲା । ଶ୍ରଦ୍ଧାଳୁମାନେ ଭାବବିହ୍ୱଳ ହୋଇ ଅପଲକ ନୟନରେ ଏହି ଭାବୋଦ୍ଦୀପକ ବେଶ ଦର୍ଶନ କରିଥିଲେ ।

ଘୁଙ୍ଗି ମୌଜାରୁ ବାଲି ଉଠାଣ ନେଇ ପ୍ରଶାସନର ନିଷ୍କ୍ରିୟତାକୁ ବିରୋଧ

ବାଲେଶ୍ୱର,୧୬/୧୧ (ନି.ପ୍ର): ସୋନ ନଦୀ ଅବବାହିକାରେ ଅବସ୍ଥିତ ରେମୁଣା ବ୍ଲକ ଅନ୍ତର୍ଗତ ତେନ୍ତୁଳିଦା ପଞ୍ଚାୟତ ବୋଇତବାଙ୍କ ଗ୍ରାମର ଘୁଙ୍ଗି ମୌଜାରୁ ପ୍ରଶାସନର ବାଲି ଉତ୍ତୋଳନ ପାଇଁ ଆରମ୍ଭ ହୋଇଥିବା ନିଲାମ ପ୍ରକ୍ରିୟା ବନ୍ଦ ଦାବିରେ ଗ୍ରାମାବସୀମାନେ ମଙ୍ଗଳବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ସେମାନଙ୍କ କହିବା ଅନୁସାରେ ବୋଇତବାଙ୍କ ଗ୍ରାମର ପଡ଼ା ଗ୍ରାମ ଘୁଙ୍ଗିକୁ ସୋନନଦୀ ତିନିପଟୁ ଘେରି ରହିଛି। ଆବାହମାନ କାଳରୁ ଏହି ଗ୍ରାମକୁ ଏକ ବାଲିବନ୍ଧ ସୁରକ୍ଷା ଦେଇ ଆସୁଅଛି। ଗାମର ସୁରକ୍ଷା ପାଇଁ ଅଦ୍ୟାବଧି କୌଣସି ପଥର ବନ୍ଧ ମଧ୍ୟ ନିର୍ମାଣ ହୋଇନାହିଁ। ପ୍ରତିବର୍ଷ ବନ୍ୟାରେ ଏହି ଗାଁର ବହୁ ଧନ ଜୀବନ କ୍ଷୟ ହୋଇଚାଲିଛି। ଏବେ ଏହି ମୌଜାର ୨୬୧ ନଂ ଖାତା ଅନ୍ତର୍ଗତ ୩୩୮ ପ୍ଲଟର ୧୪ ଏକର ୬୮୪୦ ଡିସିମିଲ ଓ ପ୍ଲଟ ନଂ ୪୪୦ରେ ୩୨ଏକର ୭୨୦୦ ଡିସିମିଲ ଜମିରୁ ବାଲି ଉଠାଣ ପାଇଁ ନିଲାମ ନିମନ୍ତେ ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ତୁରନ୍ତ ପ୍ରତ୍ୟାହାର ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏଠାରୁ ବାଲି ଉଠାଣ ହେଲେ ଘୁଙ୍ଗି ପଡ଼ାଗ୍ରାମ ସମେତ ବୋଇତବାଙ୍କ ଗ୍ରାମକୁ ବିପଦ ମାଡ଼ିଆସିବ। ବର୍ଷାଦିନରେ ବନ୍ୟାଜଳ ଲୋକଙ୍କ ଗୃହକୁ ମାଡ଼ି ଆସିବା ସହିତ ଶହ ଶହ ଘର ଓ ଚାଷଜମି ନଦୀଗର୍ଭରେ ଲୀନ ହୋଇଯିବ। ଏନେଇ କ୍ଷେତ୍ର ତଦନ୍ତ ସହ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଜନଶୁଣାଣି କରି ଉଚିତ ପଦକ୍ଷେପ ନ ନଲେ ଆଗାମୀ ଦିନରେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।ଏହି ଅବସରରେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପ୍ରାଣିଗ୍ରାହୀଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜଗବନ୍ଧୁ ମହଳିକ, ମନୋରଞ୍ଜନ ମହାଳିକ, ରଘୁନାଥ ମହାଳିକ, ଶ୍ୟାମସୁନ୍ଦର ସିଂ, ଶାନ୍ତନୁ ଜେନା, ରମେଶ କୁମାର ସିଂ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

ସୁବର୍ଣ୍ଣରେଖା ବନ୍ଦର ଓ ପେଟ୍ରୋ କେମିକାଲ୍ସକୁ ବିରୋଧ କରି ବାଇକ୍ ଶୋଭାଯାତ୍ରା

ବାଲିଆପାଳ,୧୬/୧୧ (ନି.ପ୍ର): ଓଡିଶାର ଅନ୍ୟତମ ଚିର ଶସ୍ୟଶ୍ୟାମଳା ବହୁ ଫସଲୀ ରତ୍ନଗର୍ଭା ମାଟି ଧାନ, ପାନ, ମୀନ, ଚିନା ବାଦାମ, କାଜୁ, ଗୁଆ, ନଡିଆର ସୁନା ଭୂଇଁ ଦକ୍ଷିଣ ବାଲିଆପାଳରୁ ବିନାଶକାରୀ ବନ୍ଦର ଓ ମାରାତ୍ମକ ପେଟ୍ରୋକେମିକାଲ୍ସ ପ୍ରକଳ୍ପ ହଟାଓ-ଭିଟାମାଟି ବଂଚାଉ ଦାବିରେ ଆଜି ପ୍ରକଳ୍ପ ପ୍ରଭାବିତ ଇଲାକାର ହଂସକରା ମୁହାଁଣ ସ୍ଥିତ ଦ୍ୱାରିକା ପୀଠ ମନ୍ଦିର ପ୍ରାଗଣରୁ ପ୍ୟାଜାର୍ଡନା ସାରି ସହସ୍ରାଧିକ ଲୋକଙ୍କର ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରିଥିଲା । ଏହି ବାଇକ ଶୋଭାଯାତ୍ରା ଜମ୍ବୀରାଇ, ସୁନ୍ଦରୁକୁଲି, କଟରାମଲ, ନୂଆଗାଁ, କାଉଁମାରି, ଭିକାଗଡିଆ, ବାଲିବିଲ, ଅଳାଡିହା ପନ୍ତା, ବେତଗଡିଆ, ନହରା ଛକ, ଡଗରା ବଡ ଗୁମୁଟି ଛକ, ଡଗରା ମହାଦେବ, ଚଉଦମାଦଳ ଛକ ହୋଇ ଚୌମୁଖ ଗ୍ରାମ ପରିକ୍ରମା କରି କଡଡାପାଳ ମୁହାଁଣ ନିକଟସ୍ଥ ପ୍ରସ୍ତାବିତ ବନ୍ଦର ସ୍ଥଳୀ ନିକଟରେ ପହଁଚିଥିଲା । ସେଠାରୁ ଚୌମୁଖ ମୁକ୍ତେଶ୍ୱର ଶିବ ମନ୍ଦିର ପ୍ରାଗଣ ନିକଟରେ ପହଁଚିଥିଲା । ସେଠାରେ ଉପକୂଳ ଭିଟାମାଟୀ ସୁରକ୍ଷା କମିଟି ପକ୍ଷରୁ ଆଜି ଏକ ବିଶାଳ ବନ୍ଦର ବିରୋଧି ପ୍ରତିବାଦ ସଭା ଅନୁଷ୍ଠି